୨୬ ବର୍ଷରେ

# ପର୍ଯ୍ୟବେକ୍ଷକ

PARYABEKHYAK  पर्यवेक्षक

Vol.26 . No.114  Bhubaneswar Saturday June 08 2024  ୨୬ତମ ବର୍ଷ  ସଂଖ୍ୟା-୧୧୩ ଭୁବନେଶ୍ୱର, ଶନିବାର, ଜୁନ ୮, ୨୦୨୪  (୮ ପୃଷ୍ଠା)  ମୂଲ୍ୟ-୧.୫୦  ₹1.50  (Air Surcharge - 0.50P)  Member-INS

## ପାଣ୍ଡିଆନ ଓ ମାନସଙ୍କ ବିରୁଦ୍ଧରେ ଗର୍ଜିଲେ ବିଜେଡିର ୨୫ରୁ ଉର୍ଦ୍ଧ୍ୱ ଯୁବ-ଛାତ୍ର ନେତା: ବବିଙ୍କୁ ଦେଲେ ଚେତାବନୀ

ଭୁବନେଶ୍ୱର,୭ ।୬(ପି.ଏନ): ବିଜେଡି କାର୍ଯ୍ୟାଳୟ 'ଶଙ୍ଖ ଭବନ'ରେ ଆଜି ଦଳର ୨୫ରୁ ଉର୍ଦ୍ଧ୍ୱ ଛାତ୍ର ଓ ଯୁବ କର୍ମକର୍ତ୍ତାମାନେ ଜୋରଦାର ହଙ୍ଗାମା କରିଛନ୍ତି। ଦଳର ବିପର୍ଯ୍ୟୟ ପାଇଁ ସିଧାସଳଖ ଭିକେ ପାଣ୍ଡିଆନ ଓ ମାନସ ମଙ୍ଗରାଜଙ୍କୁ ଦାୟୀ କରି ସେମାନଙ୍କ ବିରୁଦ୍ଧରେ ସ୍ଲୋଗାନ ଦେବା ସହ ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କୁ ଚେତାବନୀ ଦେବାକୁ ମଧ୍ୟ ପଛାଇ ନଥିବା ଜଣାପଡିଛି। ଦୀର୍ଘ ୨୪ବର୍ଷ ଧରି କ୍ଷମତାସୀନ ବିଜେଡିର ବିପର୍ଯ୍ୟୟ ପାଇଁ ଦଳର ଯୁବ ଓ ଛାତ୍ର ୱିଙ୍ଗ୍ କର୍ମକର୍ତ୍ତାମାନେ ସିଧାସଳଖ ପାଣ୍ଡିଆନ ଓ ମଙ୍ଗରାଜଙ୍କୁ ଦାୟୀ କରିଛନ୍ତି। ସୂଚନା ଅନୁସାରେ, ଆଜି ଅପରାହ୍ନରେ ଶଙ୍ଖ ଭବନରେ ଦଳର ଯୁବ ଓ ଛାତ୍ର କମିଟିର ୨୫ରୁ ଅଧିକ ରାଜ୍ୟ କର୍ମକର୍ତ୍ତା ପଶି ପାଣ୍ଡିଆନ ଓ ମଙ୍ଗରାଜ ବିରୋଧୀ ସ୍ଲୋଗାନ ଦେଇଥିଲେ। ସେଠାରେ ଥିବା ବିଜେଡି ସାଂସଦ ସସ୍ମିତ ପାତ୍ରଙ୍କୁ ଆଉ ପାଣ୍ଡିଆନଙ୍କ ସପକ୍ଷରେ ସାମ୍ବାଦିକ ସମ୍ମିଳନୀ ନକରିବାକୁ ଚେତାବନୀ ଦେବା ସହ ମାନସ ମଙ୍ଗରାଜଙ୍କୁ ଯେଉଁଠି ବି ଦେଖିଲେ ମାଡ ହେବ ବୋଲି ସତର୍କ କରାଇ ଦେଇଛନ୍ତି।




ଏପରିକି ସେଠାରେ ଉପସ୍ଥିତ ଥିବା ମାନସଙ୍କ ବ୍ୟକ୍ତିଗତ କର୍ମଚାରୀଙ୍କୁ ତୁରନ୍ତ ଜାଗା ଛାଡି ଅନ୍ୟତ୍ର ପଳାଅ ନଚେତ୍ ପରିସ୍ଥିତି ଖରାପ ହେବ ବୋଲି କହିଥିବା ଜଣାପଡିଛି। ଦଳ ପାଇଁ ଯେଉଁମାନେ ଫିଲଡରେ ଖରାବର୍ଷାରେ କାମ କରୁଛନ୍ତି ସେମାନେ ହିଁ ଶଙ୍ଖ ଭବନକୁ ଆସିବେ। ଆଉ ମାନସଙ୍କ କଥାରେ ଶଙ୍ଖ ଭବନରେ ଯଦି କିଛି କାର୍ଯ୍ୟ ହୁଏ ତା'ହେଲେ ପରିସ୍ଥିତି ଭୟାବହ ହେବ ବୋଲି ସତର୍କ କରାଇ ଦେଇଛନ୍ତି। ଏହି ଯୁବଛାତ୍ରମାନଙ୍କର ଏଭଳି ଉତ୍ତେଜନାକୁ ପ୍ରଶମିତ କରିବା ପାଇଁ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରୟାସ କରି ମଧ୍ୟ ବିଫଳ ହୋଇଥିଲେ। ଦଳର ବିପର୍ଯ୍ୟୟ ପାଇଁ ଯିଏ ଦାୟୀ ସେମାନଙ୍କୁ କଦାପି ଛଡାଯିବ ନାହିଁ ବୋଲି ସେମାନେ କହିବା ସହ ଶଙ୍ଖ ଭବନରେ ମାନସ ମଙ୍ଗରାଜ ଓ ତାଙ୍କ ଟିମ ମାମଲାତି ଦେଖାଇଲେ ଏଣିକି ବଳପ୍ରୟୋଗ କରି ବିଦା କରି ଦିଆଯିବ ବୋଲି ସତର୍କ କରାଇ ଦେଇଛନ୍ତି। ବିଜେଡି ମିଡିଆ ସଂଯୋଜକ ପ୍ରିୟବ୍ରତ ମାଝୀଙ୍କ ସହ ଯୁକ୍ତିତର୍କ ଓ ତାଙ୍କର ପାଲଟା ଦୁର୍ବ୍ୟବହାର ଯୋଗୁ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି। ବିଜେଡି ମୁଖପାତ୍ର ସସ୍ମିତ ପାତ୍ର, ଲେନିନ୍ ମହାନ୍ତି ଓ ଅନ୍ୟମାନେ ମଧ୍ୟ ଦଳର ଏହି ଛାତ୍ର ଓ ଯୁବନେତାମାନଙ୍କ ଆକ୍ରୋଶରୁ ବର୍ତ୍ତି ନଥିବା ଚର୍ଚ୍ଚା ହେଉଛି।

## ମୋଦି ୩.୦ ସରକାରରେ ଏମାନେ ହେବେ ମନ୍ତ୍ରୀ!



ଭୁବନେଶ୍ୱର,୭ ।୬(ପି.ଏନ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ବିଧିବଦ୍ଧ ଭାବେ ନରେନ୍ଦ୍ର ମୋଦିଙ୍କୁ ଦେଶରେ ସରକାର ଗଠନ ପାଇଁ ନିମନ୍ତ୍ରଣ କରିଛନ୍ତି। ଆସନ୍ତା ୯ ତାରିଖ ୭.୧୫ରେ ମୋଦିଙ୍କ ସହ ଆଉ କିଛି ସାଂସଦ ମନ୍ତ୍ରୀ ଭାବେ ଶପଥ ନେବେ। ଏହାପରେ ମୋଦି ତାଙ୍କ ମନ୍ତ୍ରିମଣ୍ଡଳ ସଂପ୍ରସାରଣ କରିବେ। ଚଳିତ ଲୋକସଭାରେ ବିଜେପିକୁ ଏକାକୀ ସରକାର ଗଠନ କରିବାକୁ ମ୍ୟାଜିକ ନମ୍ବର ମିଳିନାହିଁ। ତେଣୁ ସହଯୋଗୀ ଦଳଗୁଡ଼ିକର ଗୁରୁତ୍ୱ ବ?ଯାଇଛି। ସେମାନେ ମଧ୍ୟ କେନ୍ଦ୍ରରେ ମନ୍ତ୍ରୀ ହେବାକୁ ବିଜେପି ଉପରେ ଚାପ ପ୍ରୟୋଗ ଆରମ୍ଭ କରି ଦେଇଛନ୍ତି।

## ହାତୀ ଆକ୍ରମଣରେ ଆହତ ମହିଳାଙ୍କୁ ଡାକ୍ତରଖାନା ସ୍ଥାନାନ୍ତରିତ, ଅଳ୍ପକେ ବର୍ତ୍ତିଲା ଝିଅ

କରଞ୍ଜିଆ,୭ ।୬(ପି.ଏନ): ଆଜି ଅପରାହ୍ନ ଗୋଟାଏ ସମୟରେ ମୟୂରଭଂଜ ଜିଲ୍ଲା କରଞ୍ଜିଆ ବନ ଖଣ୍ଡ ଅଧୀନ କଦାଡ଼ିହା ସେକସନର ସୁନାପୋଷି ଗ୍ରାମ କାଜୁ ଜଙ୍ଗଲ ଠାରେ ୪ଟିକିଆ ହାତୀପଲର ସମ୍ମୁଖୀନ ହୋଇଛନ୍ତି ଜଣେ ମହିଳା ଓ ତାଙ୍କର ଝିଅ। ଆକ୍ରମଣର ଶିକାର ହୋଇଥିବା ମହିଳାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କ ଝିଅ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି। ଆହତ ମହିଳା ପଦ୍ମାବତୀ ନାୟକଙ୍କୁ ପ୍ରଥମେ କରଞ୍ଜିଆ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା ଓ ପରେ କେନ୍ଦୁଝର ସ୍ଥାନାନ୍ତରିତ କରାଯାଇଥିଲା।ଘଟଣାରୁ ପ୍ରକାଶ ଯେ, ସୁନାପୋଷି ଗ୍ରାମର ବିପିନ ନାୟକଙ୍କ ସ୍ତ୍ରୀ ପଦ୍ମାବତୀ ନାୟକ ଓ ତାଙ୍କ ଝିଅ ଗାଁ ନିକଟ କାଜୁ ଜଙ୍ଗଲକୁ କାଜୁ ତୋଳିବା ପାଇଁ ଯାଇଥିଲେ। କାଜୁ ଜଙ୍ଗଲ ନିକଟରେ ସରଂକ୍ଷିତ ଜଙ୍ଗଲ ମଧ୍ୟ ଅଛି। ଏହି ସମୟରେ ୪ଟିକିଆ ହାତୀପଲକୁ ମା-ଝିଅ ସାମ୍ନା କରିଥିଲେ। ହାତୀପଲ ଭିତରୁ ୩ଟି ସେମାନଙ୍କ ଆଡକୁ ମାଡି ଆସିଥିଲେ। ମା ଓ ଝିଅ ଦୌଡିବାକୁ ଲାଗିଲେ। ଗୋଟିଏ ହାତୀ ମା'ଙ୍କୁ ଆକ୍ରମଣ କରିବାରୁ ତଳେ ପଡ଼ିଯାଇଥିଲେ। କିଛି ସମୟ ପରେ ଝିଅ ମା'ଙ୍କୁ ଡାକ ପକାଇବାରୁ ମା' ତଳେ ପଡିଯାଇଥିବାର ସୂଚନା ଦେଇଥିଲେ। ମା'ଙ୍କୁ ଝିଅ ଉଦ୍ଧାର କରି ଗ୍ରାମକୁ ଆଣିଥିଲା। ପରେ ବନ ବିଭାଗ ଖବର ପାଇଁ ପଦ୍ମାବତୀଙ୍କ ଚିକିତ୍ସା ପାଇଁ କରଞ୍ଜିଆ ଡାକ୍ତରଖାନା ଆଣିଥିଲେ ଓ ୫୦୦୦ ଟଙ୍କା ଆର୍ଥିକ ସାହାଯ୍ୟ ଦେଇଥିଲେ।

### ବାଲେଶ୍ୱର-ଭଦ୍ରକରେ ପୁଣି ଶୁଭିଲା ପ୍ରଚଣ୍ଡ ଶବ୍ଦ; ଥରି ଉଠିଲା ଆଖପାଖ ଅଞ୍ଚଳ, ଲୋକେ ଛାନିଆ

ଭୁବନେଶ୍ୱର,୭ ।୬(ପି.ଏନ): ଗତକାଲି ଭଳି ଆଜି ବି ବାଲେଶ୍ୱରର ନିଳଗିରି ଓ ଭଦ୍ରକର ବାସୁଦେବପୁର ଅଞ୍ଚଳରେ ଶୁଭିଲା ପ୍ରଚଣ୍ଡ ଶବ୍ଦ । ପ୍ରଚଣ୍ଡ ଶବ୍ଦ ପରେ ଥରିଗଲା ଆଖପାଖ ଅଞ୍ଚଳ । ଦୁଇଥର ଏହି ପ୍ରଚଣ୍ଡ ଶବ୍ଦ ଶୁଭିଥିବା ସୂଚନା । ଏଭଳି ଶବ୍ଦ ଶୁଣି ଭୟଭୀତ ସ୍ଥାନୀୟ ଲୋକେ । ତେବେ ପାଖରେ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଥିବାରୁ, ଗୋଳାବାରୁଦ ପରୀକ୍ଷଣ ହେଉଥିବା ଅନୁମାନ କରାଯାଉଥିଲା ।

କିନ୍ତୁ ଗତକାଲି ବଜ୍ରପାତ କାରଣରୁ ଏପରି ଶବ୍ଦ ହୋଇଥିବା ସୂଚନା ମିଳିଥିଲା । କହିବାକୁ ଗଲେ ଏହିପରେ ପ୍ରଚଣ୍ଡ ଓ ଭୟଙ୍କର ଶବ୍ଦ ଆଗରୁ କେହି ଶୁଣି ନଥିଲେ । ବଜ୍ରପାତ ପାଇଁ ଏଭଳି ଶବ୍ଦ ହୋଇଥିବା ନେଇ ସୂଚନା ଦେଇଥିଲେ ବାଲେଶ୍ୱର ପାଣିପାଗ କେନ୍ଦ୍ର ଅଧିକାରୀ । ହେଲେ ଆଜି ଏନେଇ କୌଣସି ସୂଚନା ମିଳି ନାହିଁ ।

## ପାଣିପାଗ ବିଭାଗ ପକ୍ଷରୁ ସୂଚନା: ଜୁନ୍ ୧୦ ସୁଦ୍ଧା ଓଡିଶା ଛୁଇଁବ ମୌସୁମୀ

ଭୁବନେଶ୍ୱର,୭ ।୬(ପି.ଏନ): ରାଜ୍ୟରେ ଏବେ ଅସହ୍ୟ ଗୁଳୁଗୁଳି ହେବା ସହିତ ତାହା ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି । ତେବେ ତାତିରୁ ଖୁବଶୀଘ୍ର ଆଶ୍ୱସ୍ତି ମିଳିବାକୁ ଯାଉଛି । ଆସନ୍ତା ୧୦ ତାରିଖ ସୁଦ୍ଧା ମୌସୁମୀ ଓଡିଶା ଛୁଇଁବ । ଏନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨-୩ ଦିନ ମଧ୍ୟରେ ମୌସୁମୀ ଦକ୍ଷିଣ ଓଡିଶା ସ୍ପର୍ଶ କରିପାରେ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।ବିଭାଗ ମୁତାବକ, ସାଧାରଣ ଭାବେ ଜୁନ୍ ମାସର ଦ୍ୱିତୀୟ ସପ୍ତାହରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡିଶାରେ ପ୍ରବେଶ କରିଥାଏ । ଏବେ ରାଜ୍ୟକୁ ମୌସୁମୀ ଆସିବା ନେଇ ପାଗ ଅନୁକୂଳ ରହିଛି । ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଆଣ୍ଡାମାନ ଓ କେରଳରେ ପହଞ୍ଚିଥିଲା । ସେହିପରି ରାଜ୍ୟରେ ଆଗାମୀ ୪ ଦିନ ତାପମାତ୍ରା ୨-୩ ଡିଗ୍ରୀ ସେଲସିୟସ୍ ବ?ିବାର ସମ୍ଭାବନା ରହିଛି । ବଲାଙ୍ଗିର, ବରଗଡ, ନୂଆପଡା ଆଦି ଜିଲ୍ଲାମାନଙ୍କରେ ୫ ଦିନ ପର୍ଯ୍ୟନ୍ତ ଗୁଳୁଗୁଳି ହେବା ନେଇ ଆକଳନ କରାଯାଇଛି । ସେହିପରି ଆଜି ରାୟଗଡା, ନବରଙ୍ଗପୁର ଓ କୋରାପୁଟରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି ।

## ପୁଣି ଦମ୍ଭ ଦେଖାଇଲେ ଯବାନ୍: ଏନ୍‌କାଉଣ୍ଟରରେ ୪ ନକ୍ସଲ ନିପାତ, ସର୍ଚ୍ଚ ଅପରେସନ୍ ଜାରି

ମାଲକାନଗିରି,୭ ।୬(ପି.ଏନ): ନକ୍ସଲ ପ୍ରଭାବିତ ଅଞ୍ଚଳରୁ ମାଓବାଦୀଙ୍କ ମୂଳୋତ୍ପାଟନ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ହାତକୁ ବ୍ୟାପକ ପଦକ୍ଷେପ ନେଇଛନ୍ତି। କିନ୍ତୁ ନକ୍ସଲ ଗତିବିଧି ଶେଷ ହେଉନାହିଁ। ପଡୋଶୀ ଛତିଶଗଡର ଜଙ୍ଗଲରେ ସୁରକ୍ଷାକର୍ମୀ ମାନେ ଦମ୍ଭ ଦେଇଛନ୍ତି। ଏନ୍ କାଉଣ୍ଟର ମାଧ୍ୟମରେ ୪ ଜଣ ନକ୍ସଲଙ୍କୁ ନିପାତ କରିଛନ୍ତି। ନକ୍ସଲ ନିହତ ନେଇ ନାରାୟଣପୁର ଏନ୍‌ପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ସୁରକ୍ଷାକର୍ମୀ ଓ ନକ୍ସଲଙ୍କ ମଧ୍ୟରେ ଗୁଳିବିନିମୟ ମୁଗେଡି ଓ ଗୋବେଲ ଜଙ୍ଗଲରେ ହୋଇଛି। କୁହାଯାଉଛି ଯେ, ଗୁଳିବିନିମୟ ରହିରହି ହୋଇଛି। ଏଥିରେ ୪ ଜଣ ନକ୍ସଲ ନିପାତ ହୋଇଥିବା ବେଳେ ଆହୁରି ଅନ୍ୟମାନେ ଆହତ ହୋଇଛନ୍ତି। ଆଇଟିବିପି, ଡିଆରଜି ବସ୍ତର ବାଟାଲିୟନର ଯବାନମାନେ ସଂଯୁକ୍ତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଗୁଳିବିନିମୟ ବେଳେ ୩ ଜଣ ଡିଆରଜି ଯବାନ ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ନକ୍ସଲ ସାମଗ୍ରୀ ଜବତ ହୋଇଥିବା ବେଳେ ସର୍ଚ୍ଚ ଅପରେସନ୍ ଜାରି ରହିଛି।

## ୬ ମାସ ଛୁଟିରେ ଗଲେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା

ଭୁବନେଶ୍ୱର,୭ ।୬(ପି.ଏନ): ଭରାଜ୍ୟରେ ବିଜେପି ସରକାର ଗଠନ ପୂର୍ବରୁ ବିଜେଡିର ଦ୍ୱିତୀୟ କ୍ଷମତାକେନ୍ଦ୍ର ଭିକେ ପାଣ୍ଡିଆନଙ୍କ ଆଇଏଏସ୍ ପତ୍ନୀ ସୁଜାତା ରାଉତ କାର୍ତ୍ତିକେୟନ ଛୁଟିରେ ପଳାଇଛନ୍ତି । ପିଲାର ଯତ୍ନ ନେବା ଆଳ ଦେଖାଇ ସେ ୬ମାସ ଛୁଟିରେ ଯାଇଛନ୍ତି । ଦୀର୍ଘ ୨୪ବର୍ଷର କ୍ଷମତାସୀନ ବିଜେଡିକୁ ଝଟକା ଦେଇ ବିଜେପି ଚଳିତ ନିର୍ବାଚନରେ ରାଜ୍ୟରେ ବିପୁଳ ବିଜୟ ହାସଲ କରିବା ଏବେ ପାଣ୍ଡିଆନଙ୍କୁ ମହଙ୍ଗା ପଡିଛି ।ସାଧାରଣ ପ୍ରଶାସନ ବିଭାଗର ଅଫିସ୍ ଅର୍ଡର ଅନୁସାରେ, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ୨୦୦୦ ବ୍ୟାଚ୍ ଆଇଏଏସ୍ ସୁଜାତ କାର୍ତ୍ତିକେୟନ ମେ' ୩୧ତାରିଖରୁ ନଭେମ୍ବର



୨୬ତାରିଖ ପର୍ଯ୍ୟନ୍ତ ଛୁଟିରେ ପଳାଇଛନ୍ତି । ତାଙ୍କ ଝିଅ ଦଶମ ପରୀକ୍ଷା ଦେବାକୁ ଥିବାରୁ ତା'ର ଯତ୍ନ ନେବା ପାଇଁ ସୁଜାତା ଛୁଟି ନେଇଥିବା ଦର୍ଶାଇଛନ୍ତି । ସର୍ବଭାରତୀୟ ପ୍ରଶାସନିକ ସେବା ରୁଲସ୍?-୧୯୫୫ର ରୁଲ (୧୮-ଘ)ରେ ଥିବା ପ୍ରାବଧାନ ଅନୁସାରେ ସୁଜାତାଙ୍କୁ ଏହି ଛୁଟି ମଞ୍ଜୁର ହୋଇଥିବା ସାଧାରଣ ପ୍ରଶାସନ ବିଭାଗ ଦର୍ଶାଇଛି । ସୁଜାତାଙ୍କର ପିଲାର ଯତ୍ନ ପାଇଁ ନେଇଥିବା ଅବଧିର ଛୁଟିକୁ ସାଧାରଣ ଛୁଟିରୁ ବାଦ୍ ଦିଆଯିବ ନାହିଁ । ପିଲାର ଯତ୍ନ ପାଇଁ ନେଇଥିବା ଛୁଟିକୁ ସବୈତନିକ ଛୁଟି ଭାବେ ବିବେଚନା କରାଯିବ ଓ ଛୁଟି ସରିବା ପରେ ଉକ୍ତ ଦରମା ପାଇବାକୁ ସେ ହକଦାର ହେବେ ବୋଲି ଅଫିସ୍ ଅର୍ଡରରେ ଉଲ୍ଲେଖ ରହିଛି ।ସାଧାରଣ ବିଭାଗର ଏହି ନିର୍ଦ୍ଦେଶାବଳୀରେ ସୁଜାତା ମେ' ୧୦ତାରିଖରୁ ଛୁଟିରେ ରହିଛନ୍ତି । ପିଲା ଯତ୍ନ ପାଇଁ ୬ମାସ ଛୁଟି(ମେ' ୩୧ରୁ ନଭେମ୍ବର ୨୬) ଅବଧିକୁ ପିଛିଲା ଭାବେ ଜୁନ୍ ୫ତାରିଖରେ ମଞ୍ଜୁର ହୋଇଥିବା ଜଣାପଡିଛି ।ସୂଚନାଯୋଗ୍ୟ, ସୁଜାତା ହେଉଛନ୍ତି ବିଜେଡି ନେତା ପାଣ୍ଡିଆନଙ୍କ ପତ୍ନୀ । ରାଜ୍ୟର ପ୍ରଭାବଶାଳୀ ଆଇଏଏସ୍ ଭାବେ ପରିଚିତ ସୁଜାତାଙ୍କୁ ନିର୍ବାଚନ କମିଶନଙ୍କ ଛାଟ ପଡିଥିଲା ଓ ତାଙ୍କୁ ମିଶନ ଶକ୍ତି ବିଭାଗରୁ ବଦଳି କରାଯାଇଥିଲା । ରାଜ୍ୟରେ ୧୦ତାରିଖରେ ବିଜେପି ସରକାର ଗଠନ ହେଉଥିବାରୁ ସୁଜାତା ନିଜ ଝିଅର ପାଠପ?ାର ବାହାନା ଦେଖାଇ ଛୁଟିରେ ପଳାଇଥିବା ଚର୍ଚ୍ଚା ହେଉଛି ।

## ଦେଶରେ ହେବ କି ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଏମିତି କହିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭ ।୬(ପି.ଏନ): ଚଳିତ ଲୋକସଭା ନିର୍ବାଚନରେ କୌଣସି ରାଜନୀତିକ ଦଳକୁ ସରକାର ଗଠନ ପାଇଁ ପୂର୍ଣ୍ଣସଂଖ୍ୟା ଗରିଷ୍ଠତା ମିଳି ନାହିଁ। ତେଣୁ ଦେଶକୁ ମେଣ୍ଟ ରାଜନୀତି ଫେରିଛି। ବିଜେପି ଏକାକୀ ୨୪୦ଟି ଆସନ ଜିତିଥିବାରୁ ଏକଦା ବିରୋଧୀ ଭୂମିକାରେ ଚନ୍ଦ୍ରବାବୁ ନାଇଡୁ ଓ ନୀତୀଶ କୁମାରଙ୍କୁ ସାଥୀ



କରି ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଆସନ୍ତା ୯ ତାରିଖରେ ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ।କିନ୍ତୁ କ'ଣ ୫ ବର୍ଷ ମୋଦି ୩.୦ ସରକାର କାମ କରିପାରିବ ବୋଲି ପ୍ରଶ୍ନ ଉଠିବାରେ ଲାଗିଛି। ଏହା ଉପରେ ଆଜି ବଡ ବୟାନ ଦେଇଛନ୍ତି ଛତିଶଗଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ। ସେ ଲୋକସଭା ନିର୍ବାଚନର ରେଜଲ୍ଟକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ୬ରୁ ୧ ବର୍ଷ ମଧ୍ୟରେ ଦେଶରେ ପୁଣି ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହେବ ବୋଲି ସେ କହିଛନ୍ତି।

## ବିଏସ୍‌ଏଫ୍ ଶିବିର ଉପରେ ନକ୍ସଲ ଆକ୍ରମଣ: ଭିଡିଓ ହେଲା ଭାଇରାଲ

ମାଲକାନଗିରି,୭ ।୬(ପି.ଏନ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟପୁର ଜିଲ୍ଲାରେ ବିଏସଏଫ କ୍ୟାମ୍ପ ଉପରେ ନକ୍ସଲଙ୍କ ଆକ୍ରମଣ ହୋଇଛି। ଏହାର ଭିଡିଓ ଭାଇରାଲ ହେବାକୁ ଲାଗିଛି। ଗତକାଲି ନାରାୟଣପୁର ଜିଲ୍ଲାର ଇରକଭଟ୍ଟି ଠାରେ ନୂତନ ବିଏସଏଫ କ୍ୟାମ୍ପ ପ୍ରତିଷ୍ଠା କରାଯାଇଥିଲା। ଏହି କ୍ୟାମ୍ପରେ ଯବାନ କ୍ୟାମ୍ପକୁ ସଜାଉଥିବା ବେଳେ ଅଚାନକ ନକ୍ସଲ ହମଲା କରିଦେଇଥିଲେ। ବିଜିଏଲ ସାହାଯ୍ୟରେ ଆକ୍ରମଣ କରିଥିଲେ। ଭିଡିଓରେ ଯବାନଙ୍କ କ୍ୟାମ୍ପ ଉପରକୁ ବିଜିଏଲ ପଡି ବିସ୍ଫୋରଣ ହେଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଯବାନ ଏହି ଆକ୍ରମଣରେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଯବାନ ତୁରନ୍ତ ମୋର୍ଚ୍ଚା ସମ୍ଭାଳି ନକ୍ସଲ ଉପରେ ଆକ୍ରମଣ କରିଥିଲେ। ଦୁଇ ପଟରୁ ଦୀର୍ଘ ସମୟ ଧରି ଗୁଳି ବିନିମୟ ଘଟିଥିଲା।ଭିଡିଓରେ ଦୁଇ ପଟରୁ ଗୁଳି ଶବ୍ଦ ସ୍ପଷ୍ଟ ଶୁଭୁଥିଲା। ଯବାନ ମଧ୍ୟ ନକ୍ସଲଙ୍କର ଗୁଳିର ଜବାବ ଦୃଢତାର ସହ ଦେଇଥିଲେ। ଏଭଳି ଅଚାନକ ନକ୍ସଲ କ୍ୟାମ୍ପ ଉପରେ ଆକ୍ରମଣ କରିବେ ବୋଲି ଯବାନ ଭାବିନଥିଲେ।

## ରେବେଣାରେ ବାଘ ଆତଙ୍କ; ଗାଁ ଭିତରକୁ ଆସି ଖାଇ ଦେଉଛି ମଇଁଷି

ଭୁବନେଶ୍ୱର,୭ ।୬(ପି.ଏନ): କେଉଁଝର ଜିଲ୍ଲା ରେବେଣା ଜଙ୍ଗଲରେ ଦେଖା ଦେଇଛି ବାଘ ଆତଙ୍କ । ଏହି ଜଙ୍ଗଲର ଆଖପାଖ ସ୍ଥାନରେ ମହାବଳ ବାଘଟି ବୁଲୁଥିବାରୁ ଗ୍ରାମବାସୀମାନେ ଭୟରେ ରହୁଛନ୍ତି । ଗତ କିଛି ଦିନ ଭିତରେ ଅନେକ ମଇଁଷି ଶିକାର କରି ଆତଙ୍କ ଖେଳାଇଛି ମହାବଳ ବାଘ । ହରିଚନ୍ଦନପୁର ବ୍ଲକର କହ୍ନେଇଗୋଳା, ବଡଜେମେଇଁ, ବଡଝାଁର, ନୋଲ, ବାଉଁରୁ, ସାନଜେମେଇଁ ଗ୍ରାମରୁ ଗୃହ ପାଳିତ ମଇଁଷି ଗୁଡିକୁ ଶିକାର କରି ଖାଇଯାଉଥିବାର ଲୋକମାନେ କହିଛନ୍ତି । ସେଠାକାର ଲୋକମାନେ ଅଭିଯୋଗ କରିଛନ୍ତି ଯେ, ସେମାନେ ପାଳିଥିବା ମଇଁଷି ଗୁଡିକୁ ମାରିଦେବା ସହ କିଛି ମଇଁଷିକୁ ଗଭୀର ଭାବରେ କ୍ଷତାକ୍ତ



କରିଛି । ଏନେଇ ସେ ଅଞ୍ଚଳର ବିଭାଗୀୟ ଅଧିକାରୀ ଉମାକାନ୍ତ ଦାସ କହିଛନ୍ତି ବାଘଟି ଅନ୍ୟ କୌଣସି ଜଙ୍ଗଲରୁ ଖସି ଆସି ରେବେଣା ଜଙ୍ଗଲରେ ଆସି ପହଞ୍ଚି ଯାଇଛି । ଏହା ବାଟବଣା ହୋଇ ଯାଇଥିବାରୁ ସେ ଫେରି ପାରିନାହିଁ । ସେହି ଅଞ୍ଚଳର ବନଖଣ୍ଡ ଅଧିକାରୀ କହିଛନ୍ତି ଯେ, ଏଠାକାର ସ୍ଥାନୀୟ ଲୋକ ମଇଁଷି ଓ ଅନ୍ୟାନ ଗୃହପାଳିତ ପଶୁମାନଙ୍କୁ ଜଙ୍ଗଲ ନ ଛାଡିବା ପାଇଁ କୁହାଯାଇଛି । କ୍ଷତିଗ୍ରସ୍ତ ହୋଇଥିବା ପଶୁପାଳକ ଚାଷୀମାନଙ୍କୁ କିଛିଦିନ ଭିତରେ ଅର୍ଥରାଶି ସହାୟତା କରିବା ନେଇ ବନଖଣ୍ଡ ଅଧୀକାରୀ କହିଛନ୍ତି ।

## ସରକାର ଗଠନ ପାଇଁ ମୋଦିଙ୍କୁ ନିମନ୍ତ୍ରଣ କଲେ ରାଷ୍ଟ୍ରପତି, ୯ରେ ଶପଥ ସମାରୋହ

ଭୁବନେଶ୍ୱର,୭ ।୬(ପି.ଏନ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧିବଦ୍ଧ ଭାବେ ନରେନ୍ଦ୍ର ମୋଦିଙ୍କୁ ଦେଶରେ ପରବର୍ତ୍ତୀ ସରକାର ଗଠନ କରିବାକୁ ନିମନ୍ତ୍ରଣ କରିଛନ୍ତି। ବିଜେପି ନେତୃତ୍ୱାଧୀନ ଏନଡିଏର ନେତା ନିର୍ବାଚିତ ହେବା ପରେ ଆଜି ମୋଦି ସନ୍ଧ୍ୟାରେ ରାଷ୍ଟ୍ରପତି ମୁର୍ମୁଙ୍କୁ ଭେଟିଥିଲେ। ଏହି ସମୟରେ ରାଷ୍ଟ୍ରପତି ତାଙ୍କୁ ସରକାର ଗଠନ ପାଇଁ ନିମନ୍ତ୍ରଣ କରିଛନ୍ତି। ଏଥିସହ ରାଷ୍ଟ୍ରପତି ମୁର୍ମ ପ୍ରଧାନମନ୍ତ୍ରୀର ମୋଦିଙ୍କୁ ଦହି-ଚିନି ଖୁଆଇ ଦେଇଛନ୍ତି। ଏହାପୂର୍ବରୁ ମୋଦି ଏନଡିଏର ନେତା ନିର୍ବାଚିତ ହୋଇଥିବା ନେଇ ଗୋଟିଏ ସମର୍ଥନପତ୍ର ରାଷ୍ଟ୍ରପତି ମ୍ୟାଡାମଙ୍କ ପାଖରେ ପହଞ୍ଚିଥିଲା। ଏହାକୁ ଦେଖିବା ପରେ ରାଷ୍ଟ୍ରପତି ସନ୍ଧ୍ୟାରେ ମୋଦିଙ୍କୁ ଡାକି ସରକାର ଗଠନ ପାଇଁ କହିଛନ୍ତି।











## ଟି ଟାଇମ୍

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

# ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ଼ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ଥର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।



# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫ୍ରି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ଜୁନ୍ ୮**

# ସ୍ୱବୋଧରସପ୍ତପଦୀ



ଗୋପାଳ ମହାପାତ୍ର

କୌଣସି ବି ରାଷ୍ଟ୍ର ଯେତେବେଳେ ତାର ସ୍ୱବୋଧକୁ ଭୁଲିଯାଏ ସେତେବେଳେ ସଭ୍ୟ ସମାଜ ନିଜର ପରମ୍ପରାକୁ ନେଇ ଗର୍ବ କରିବା ପରିବର୍ତ୍ତ ? ଘୃଣା କରିବାକୁ ଲାଗେ । ସେ ନିଜର ସ୍ଥିତିକୁ ଦୁନିଆ ଆଗରେ ବଞ୍ଚାଇ ରଖିପାରେ ନହିଁ। ଅନେକ ଶକ୍ତିଶାଳୀ ରାଷ୍ଟ୍ର ଯିଏ ନିଜର ପୂର୍ବଜ,ପୂର୍ବାପିଢି, ପରମ୍ପରା କୁ ଭୁଲିଛନ୍ତି ସେ ସବୁ ଦେଶର ଇତିହାସ ଦୁନିଆର ନକସାରୁ ଲିଭିଯାଇଛି । ସାରା ବିଶ୍ୱରେଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଶୋଭିଏତରଷର ପରିଚ୍ୟ ଥିଲା । କିନ୍ତୁ ରାଷ୍ଟ୍ରବୋଧର ଅଭାବରୁ ଶୋଭିଏତରଷ ଅନେକ ଭାଗରେ ବିଭାଜିତ ହୋଇଗଲା । ଏବେ ଶୋଭିଏତରଷରଗାଥା କେବଳ ଇତିହାସରେ ରହିଯାଇଛି । ଫାରସ ଯାହାକୁ ଏବେ ଆମେ ଇରାନ ବୋଲି କହୁଛେ ତା ପାଖରେ ନିଜର ବୋଲି କହିବାର କିଛି ନାହିନ। ରାଷ୍ଟ୍ରବୋଧର ଅଭାବରୁ ସୋଭିଏତରଷ ଅନେକ ଭାଗରେ ବିଭାଜିତ ହୋଇଗଲା । ଏବେ ସୋଭିଏତରଷରଗାଥା କେବଳ ଇତିହାସରେ ରହିଯାଇଛି । ଫାରସ ଯାହାକୁ ଏବେ ଆମେ ଇରାନ ବୋଲି କହୁଛେ ତା ପାଖରେ ନିଜର ବୋଲି କହିବାର କିଛି ନହିଁ। ରାଷ୍ଟ୍ରବୋଧର ଅଭାବରୁ ନା ଭାଷା ବଞ୍ଚିଲା ନା ମହାପୁରୁଷ ବଞ୍ଚିଲେ । ପୂଜା ସ୍ଥଳ ସବୁ ଭାଙ୍ଗିଦିଆଗଲା। ପାରସୀମାନଙ୍କର ଧର୍ମଗ୍ରନ୍ଥକୁ ପୋଡିଦିଆଗଲା। ଗ୍ରୀକ ଗଣରାଜ୍ୟତାର ସ୍ୱତଃକୁ ଭୁଲିଗଲା । ପରିଣାମତଃ ସେଠାକାର ମଠ, ମନ୍ଦିର, ମୂର୍ତ୍ତି, ଦେବୀ-ଦେବତା ସବୁକୁ ନଷ୍ଟ କରିଦିଆଗଲା । ଏବେ ଅରସ୍ତୁ,ସୁକରାଟ, ମାଗାସ୍ଥିନିସ, ପିଥାଗୋରାସଙ୍କ ଭଳି ଦାର୍ଶନିକ ଗଣିତଜ୍ଞ ଗ୍ରୀକର ପରିଚ୍ୟ ନୁହନ୍ତି ।

ଭାରତରେ ସ୍ୱାଧୀନତା ପରେ ଦେଶର ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଦେଶର ଲୋକଙ୍କୁ ୭ ଦଶନ୍ଧିରୁ ଅନେକ ସମୟ ଅପେକ୍ଷା କରିବାକୁ ପଡିଲା । ଏହି ୭ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ମାକଲେମଡ ?ଲର ଶିକ୍ଷା ନାଏକ ନୌକର (ଚାକିରିଆ) ସୃଷ୍ଟି କରିପାରିଲା ହେଲେ ନାୟକ ସୃଷ୍ଟି କରିବାରେ ବିଫଳ ହୋଇଛି । ଏଇଥିପାଇଁ ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଠାରୁ ଯାଦଧବପୁରବିଶ୍ୱବିଦ୍ୟାଳୟରେ ଦେଶ ବିରୋଧୀ ସ୍ଲୋଗାନ ଶୁଣାଯାଉଛି । ଦେଶକୁ ବରବାଦ କରିବାର ଇସ୍ତାହାର ଛପା ଯାଉଛି । ସ୍ୱାଧୀନତା ପରେ ଦେଶର ଏକ ନିର୍ଦ୍ଦିଷ୍ଟ ମତବାଦର ରାଜନୈତିକ ଦଳ ଏମିତି ଏକ ବିମର୍ଷ ଆରମ୍ଭ କରିଦେଲେ ସତେ ଯେପରି ଭାରତ କୌଣସି ରାଷ୍ଟ୍ର ନୁହେଁ । ଭାରତର କୌଣସି ଇତିହାସ ନାହିନ। ଇଂରେଜମାନଙ୍କ କବଳରୁ ଦେଶ ସ୍ୱାଧୀନ ହେଲା ଓ ଆମେ ପରାଧୀନତା କବଳରୁ ମୁକ୍ତି ପାଇଲେ କିନ୍ତୁ ସ୍ୱତନ୍ତ୍ର ହୋଇପାରିଲେ ନାହିଁ ।

ପ୍ରତ୍ୟେକ ରାଷ୍ଟ୍ରର ନିଜର 'ସ୍ୱ' ରହିଥାଏ । ସ୍ୱ ଭିତରେ ବ୍ୟକ୍ତି ଓ ରାଷ୍ଟ୍ର ଗଠନର କ୍ଷମତା ଥାଏ । ପ୍ରତ୍ୟେକ ରାଷ୍ଟ୍ର ନିଜର ସ୍ୱର ଆଧାରରେ ତନ୍ତ୍ର (ବ୍ୟବସ୍ଥା)ର ବିକାଶ କରିଥାଏ । ତେବେ ହିନ ସୁଶାସନର ସ୍ଥାପନା ହୋଇଥାଏ । ପ୍ରକୃତ ଅର୍ଥରେ ସ୍ୱରାଜର ନିର୍ମାଣ ହୋଇଥାଏ । ଆମ ଚେତନାର ବାହାକ ଦୟାନନ୍ଦ, ବିବେକାନନ୍ଦ,ଶିବାଜି, ତିଳକ ସ୍ୱଦେଶ, ସ୍ୱରାଜ କେବଳ ଗୁଣଗାନକରି ନାହାନ୍ତି । ବରଂ ପରାଧୀନବୋଧତା କୁ ପରାସ୍ତ କରିଥିଲେ । ଶିବାଜୀ ହିନ୍ଦଭି ସାମ୍ରାଜ୍ୟର ସ୍ଥାପନା କରିଥିଲେ । ମହର୍ଷି ଦୟାନନ୍ଦ ସ୍ୱାଭାଷା, ସ୍ୱଦେଶୀ ପାଇଁ ପୁରା ଜୀବନ ଲଗେଇ ଦେଇଥିଲେ । ବିଦେଶୀ ଶାସକ ସୁଶାସନ ଦେଇ ପାରନ୍ତି କିନ୍ତୁ ସ୍ୱରାଜ ଦେଇ ପାରିବେ ନାହିନ। ଶ୍ରୀମଦ ଭଗବତ ଗୀତାରେ ସ୍ୱର ସୁନ୍ଦର ବ୍ୟାଖ୍ୟା କରାଯାଇଛି । କୁହାଯାଇଛି "ସ୍ୱଧର୍ମେ ନିଧନଂଶ୍ରେୟ ପର ଧର୍ମ ?ଭୟାବହଃ।

ଆମ ଶିକ୍ଷା ପ୍ରଣାଳୀର ବିଡମ୍ବନା ହେଉଛି ଗୁରୁତ୍ୱାକର୍ଷଣ ସିଦ୍ଧାନ୍ତର ଆବିଷ୍କାରକ ଭାବେ ଆଇଜାକନିଉଟନ ବୋଲି ପିଲାଙ୍କୁ ପଢାଯାଉଛି । କିନ୍ତୁ ଭାରତୀୟ ଗଣିତଜ୍ଞ ଭାସ୍କରାଚାର୍ଯ୍ୟଙ୍କ କଥା କେହି ମାନେ ପକାଉ ନାହାନ୍ତି । ତୃତୀୟ ଚତୁର୍ଥ ଖ୍ରୀଷ୍ଟାବ୍ଦ ପୂର୍ବର ପ୍ରସିଦ୍ଧ ଶଲ୍ୟ ଚିକିତ୍ସକ ଆଚାର୍ଯ୍ୟ ସୁଶ୍ରୁତ ଙ୍କୁ ମେଡିକାଲ ସାଇନ୍ସରେ ପଢାଯାଉ ନାହିନ। ଆମ ଦେଶର ବିଡମ୍ବନା ହେଉଛି ଦେଶ ସେଇ ଗଣିତଜ୍ଞଙ୍କ କଥା ଭୁଲି ଯାଇଛି ଯିଏ ସାରା ଦୁନିଆକୁ ଅଙ୍କ ଶାସ୍ତ୍ର, ବୀଜଗଣିତ, ଜ୍ୟାମିତି କଥା ଶିଖାଇଥିଲେ । ଆଜି ବି ଆମ ଦେଶର ବିଦ୍ୟାର୍ଥୀ ମାନଙ୍କର ଭାରତୀୟ ନବ ବର୍ଷର କଥା ମାନେ ନହିଁ। ଯାହା ଠିକ ତାକୁ ସ୍ୱୀକାର କରିବା ଉଚିତ । ସୃଷ୍ଟିରେ ଯାହା ସତ୍ୟ, ସିବା ଓ ସୁନ୍ଦର ତାକୁ ଗ୍ରହଣ କରାଯିବା ଉଚିତ । ଋଗବେଦରେଋଚା କହିଛନ୍ତି ।

# ଆଧୁନିକ ଜୀବନ ଶୈଳୀ ଓ ସଙ୍କୁଚିତ ମାତୃତ୍ୱ

ମାତୃତ୍ୱ ନାରୀକୁ ପୂର୍ଣ୍ଣତା ଦେଇଥାଏ। ଯାହାପାଇଁ ଅନେକ ମାଆ ମାନଙ୍କ ଜୀବନର ଏକ ଆବେଗ ଥାଏ ଏହି ଆନନ୍ଦ ପାଇବା ପାଇଁ। ତେଣୁ ଛୁଆର ପ୍ରଥମ କାନ୍ଦଣା ଶୁଣିବାକୁ ମାଆଙ୍କ ପ୍ରସନ୍ନବେଦନାକୁ ବି ଗୌଣ ଭାବିନିଏ। ତେବେ ଚିକିତ୍ସା ବ୍ୟବସ୍ଥାରେ ଉନ୍ନତି ଆସିବା ପରେ ମାତୃତ୍ୱ ଲାଭ ପାଇଁ ପ୍ରସବ ବେଦନା ଆଉ ଅବସମ୍ଭାବି ହୋଇରହିନାହିଁ। ବେଦନା ପୂର୍ବରୁ ହିଁ ନବଜାତ ମାନେ ସିଜରିଆନ ଡେଲିଭରି ବ୍ୟବସ୍ଥା ଦ୍ୱାରା ଭୂମିଷ୍ଠ ହେଉଛନ୍ତି। ଏବେ ନିରାପଦ ମାତୃତ୍ୱକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଆଗେ କେବଳ ଘଣ୍ଟା ଘଣ୍ଟା ନୁହେଁ ଦିନ ଦିନର ପ୍ରସବ ଯନ୍ତ୍ରଣା ପରେ ସ୍ୱାଭାବିକ ଭାବରେ ଶିଶୁଟିଏ ଜନ୍ମ ନେଉଥିଲା। କିନ୍ତୁ ଏବେ ସିଜରିଆନ ଡେଲିଭରିର ଅଧିକ ଗୁରୁତ୍ୱ ରହିଛି। ସୂଚନାଥାଉକି ଗର୍ଭାବସ୍ଥାର ୩୫ ସପ୍ତାହ ଭିତରେ ଜଣାପଡ଼ିଯାଏ ଯେ ପ୍ରସବ ସ୍ୱାଭାବିକ ହେବ ନା ସିଜରିଆନ। ଶିଶୁ ଓଲଟା ରହିଲେ, ନାଡ଼ ଗୁଡ଼ାଇ ହୋଇଗଲେ କିମ୍ବା ଓଜନ ଅଧିକ ଥିଲେ ସ୍ୱାଭାବିକ ପ୍ରସବ ପରାମର୍ଶ ଯୋଗ୍ୟ ନୁହେଁ। ସ୍ୱାଭାବିକ ପ୍ରସବରେ ବିଭିନ୍ନ ସମସ୍ୟା ଦେଖାଯାଇଥାଏ। ଗର୍ଭସ୍ଥ ଶିଶୁର ଗର୍ଭାଶୟ ସହିତ ସଂଯୋଗ କରୁଥିବା ନାଡଟି ଅଟକି ଯାଉଛି କିମ୍ବା ତାର ହୃତସ୍ପନ୍ଦନ ଅସ୍ୱାଭାବିକ ରହୁଛି କି ରକ୍ତ ଜମାଟ ବାନ୍ଧୁଛି। କେତେକ ସ୍ଥଳରେ ଶିଶୁ ଜନ୍ମ ହେଲାପରେ କାନ୍ଦୁନାହିଁ ଓ ମୂତ୍ରାଶୟ ଖସିଯିବାର ଆଶଙ୍କା ରହୁଛି। ଏଣୁ ଶିଶୁର ସ୍ୱାସ୍ଥ୍ୟକୁ ବିଚାରକରି ଅସ୍ତ୍ରୋପଚାର ପାଇଁ କୁହାଯାଏ। ଯଦି ଗର୍ଭବତୀ ଏକତ୍ର ଦୁଇ ବା ଅଧିକ ସନ୍ତାନ ଜନ୍ମ ଦେଉଛନ୍ତି ଏବଂ ଶିଶୁ ଗର୍ଭାଶୟରେ ଭୁଲ ସ୍ଥାନରେ ରହିଛି ତେବେ ସିଜରିଆନ କରାଯାଏ। ମାଆର ହରପିସ ସଂକ୍ରମଣ ଥିଲେ ଗର୍ଭସ୍ଥ ଶିଶୁ ସଂକ୍ରମିତ ହୋଇପାରେ। ସେ କ୍ଷେତ୍ରରେ ମଧ୍ୟ ସିଜରିଆନ ଡେଲିଭରି କରାଯାଏ। ସବୁବେଳେ ଲକ୍ଷ୍ୟ ରଖିବା ଉଚିତ କି ଶିଶୁଟି କିପରି ସୁସ୍ଥ ଭାବେ ଓ ଠିକ ସମୟରେ ଜନ୍ମ ନେବ।

ନିକଟରେ ପୃଥିବୀର ବିଭିନ୍ନ ଦେଶମାନଙ୍କରେ ମହିଳା ମାନଙ୍କର ସନ୍ତାନ ପ୍ରସବ ହାର ବା ଟୋଟଲ ଫଟଲିଟି ରେଟର ଭବିଷ୍ୟତର ସମ୍ଭାବ୍ୟ ଧାରା ସମ୍ବନ୍ଧରେ ମର୍ଯ୍ୟାଦାଜନକ ଚିକିତ୍ସା ବିଜ୍ଞାନ ପତ୍ରିକା ଲଣ୍ଡନରୁ ପ୍ରକାଶିତ 'ଦି ଲାନସେଟ' ବହନ କରିଥିବା ଏକ ଅନୁଶୀଳନ ଅନୁସାରେ ୨୦୫୦ ସୁଧା ଭାରତର ଟିଏଫଆର ୧.୨୯କୁ ଏବଂ ୨୧୦୦ ସୁଦ୍ଧା ତାହା ଆହୁରି ତଳକୁ ଖସି ୧.୦୪ ହେବାକୁ ଯାଉଛି ବୋଲି ଅନୁମାନ କରାଯାଉଛି। ଟିଏଫଆର ହେଉଛି ପ୍ରଜନନକ୍ଷମ ବୟସସୀମା ୧୫-୪୯ ବର୍ଷ ବୟସ ମଧ୍ୟରେ ଜଣେ ମହିଳା ଜନ୍ମଦାନ କରୁଥିବା ସନ୍ତାନ ସନ୍ତିତଙ୍କ ହାରାହାରି ସଂଖ୍ୟା। ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଆବଶ୍ୟକ ଟିଏଫଆର ହେଉଛି ୨.୧ ଯାହାକୁ ପ୍ରତିସ୍ଥାପନ ହାର ବା ରିପ୍ଲେସମେଣ୍ଟ ରେଟ ରୂପେ ଅଭିହିତ କରାଯାଇଥାଏ। ଦି ଲାନସେଟରେ ପ୍ରକାଶିତ ଅନୁଶୀଳନ ଅନୁସାରେ ଭାରତର ଟିଏଫଆର ୨୦୨୧ରେ ଏହି ପ୍ରତିସ୍ଥାପନ ହାର ଠାରୁ କମ ହୋଇସାରିଛି ୧.୯୧। ଭାରତ ସରକାରଙ୍କ ଦ୍ୱାରା ୨୦୧୯-୨୧ ମଧ୍ୟରେ କରାଯାଇଥିବା ନେସନାଲ ଫ୍ୟାମିଲି ହେଲଥ ସର୍ଭେରୁ ମଧ୍ୟ ଦେଶର ଟିଏଫଆର ମୂଲ୍ୟ ୨ ହୋଇଥିବା ଆବିଷ୍କୃତ ହୋଇଥିଲା, ଯାହା ଉପରୋକ୍ତ ପ୍ରତିସ୍ଥାପନ ହାର ଠାରୁ ସାମାନ୍ୟ ନୀଚା ହୋଇଥାଏ।

ଦି ଲାନସେଟରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ହେଉଛି ୟୁନିଭର୍ସିଟି ଅଫ ୱାସିଙ୍ଗଟନ ସ୍କୁଲ ଅଫ ମେଡ଼ିସିନର ଇନଷ୍ଟିଚ୍ୟୁଟ ଅଫ ହେଲଥ ମେଟ୍ରିକସ ଆଣ୍ଡ ଇଭାଲୁଏସନ ନାମକ ଜନସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ଦ୍ୱାରା କରାଯାଇଥିବା ଅନୁଶୀଳନ ଉପରେ ଆଧାରିତ। ଏହି ଅନୁଶୀଳନରେ କରାଯାଇଥିବା ଆକଳନ ଅନୁସାରେ ୨୦୨୧ରେ ଭାରତରେ ଜନ୍ମଲାଭ କରିଥିବା ମୋଟ ଜୀବନ୍ତ ଶିଶୁଙ୍କ ସଂଖ୍ୟା ୨୨.୩୯ ନିୟୁତ ଥିବାବେଳେ ୨୦୫୦ରେ ତାହା ହ୍ରାସ ପାଇ ୧୩.୦୩ ନିୟୁତ ହେବାକୁ ଯାଉଛି। ଏହି ଧାରା ଅବ୍ୟାହତ ରହି ୨୧୦୦ ବେଳକୁ ଏଥିରେ ତୀକ୍ଷଣ ହ୍ରାସ ଘଟି ଏହି ସଂଖ୍ୟା ହେବ ୩.୭୯ ନିୟୁତ ବୋଲି ଅନୁମାନ କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତରେ ଯେତେବେଳେ ୧୯୯୨-୯୩ରେ ସର୍ବପ୍ରଥମ ରାଉଣ୍ଡ ଏନଏଫଏଚଏସ



ଶୁଭଶ୍ରୀ ମିଶ୍ର

ଅନୁଷ୍ଠିତ ହୋଇଥିଲା, ସେତେବେଳେ ଭାରତର ଟିଏଫଆର ଥିଲା ୩.୪। ବାଳିକାମାନଙ୍କର ଶିକ୍ଷାସ୍ତରରେ ବୃଦ୍ଧି ଓ ନାରୀମାନଙ୍କର ବିଧିବଦ୍ଧ ନିଯୁକ୍ତି କ୍ଷେତ୍ରରେ ପ୍ରବେଶ ହେଉଛି ଟିଏଫଆରରେ ସ୍ଖଳନ ଘଟିବାର ମୁଖ୍ୟ କାରଣ। ସ୍କୁଲରେ ଅଧିକ କାଳ ବିତାଇଲେ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନ ମାନଙ୍କରେ ପ୍ରବେଶ କଲେ ବାଳିକାମାନଙ୍କର ବିବାହ ବିଳମ୍ବ ହୋଇଥାଏ। ବିବାହରେ ବିଳମ୍ବ ଘଟିଲେ ନାରୀମାନଙ୍କର ମାତୃତ୍ୱ ଲାଭରେ ସ୍ୱାଭାବିକ ଭାବରେ ବିଳମ୍ବ ଘଟିଥାଏ। ପ୍ରଥମ ସନ୍ତାନ ଭୂମିଷ୍ଠ ହେବାରେ ବିଳମ୍ବ ଘଟିଲେ, ଅଧିକ ପ୍ରଜନନ ପାଇଁ ଉପଲବ୍ଧ ସମୟ ସଙ୍କୁଚିତ ହୋଇଯାଏ ଓ ସଂପୃକ୍ତା ନାରୀ ଜନ୍ମଦାନ କରୁଥିବା ସନ୍ତାନ ସଂଖ୍ୟା ହ୍ରାସ ପାଇଥାଏ। ତା'ଛଡ଼ା ସନ୍ତାନର ଉପଯୁକ୍ତ ଲାଳନପାଳନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଣ ଆଦି ବ୍ୟୟସାପେକ୍ଷ ହୋଇଥିବାରୁ ଶିକ୍ଷିତା, ସଚେତନ ଜନନୀମାନେ ନିଜର ସନ୍ତାନ ପାଇଁ ତାହା ନିଶ୍ଚିତ କରିବା ପାଇଁ ଅଧିକ ସଂଖ୍ୟକ ସନ୍ତାନ ସୃଷ୍ଟି କରିବାରୁ ନିବୃତ୍ତ ରହନ୍ତି। ବୃତ୍ତିଧାରିଣୀ ମହିଳାମାନେ ମଧ୍ୟ ସନ୍ତାନ ସଂଖ୍ୟା ସୀମିତ କରିବାକୁ ବାଧ୍ୟ ହୋଇଥାନ୍ତି। ଶିଶୁ ମୃତ୍ୟୁହାରରେ ହ୍ରାସ ଓ ସହରୀକରଣ ମଧ୍ୟ ସନ୍ତାନ ସଂଖ୍ୟା ସୀମିତ କରିବାରେ ସହାୟକ ହୋଇଛି। ଉପରୋକ୍ତ ଗବେଷଣା ସଂସ୍ଥା ଯେଉଁ ଆବିଷ୍କାର କରିଛି ଯେ ୧୯୫୦ରୁ ୨୦୨୧ ମଧ୍ୟରେ ସାରା ପୃଥିବୀର ଟିଏଫଆର ୪.୮୪ରୁ ହ୍ରାସ ପାଇ ତାହାର ଅଧାରୁ ମଧ୍ୟ କମ ହୋଇଯାଇ ହୋଇଛି ୨.୨୩, ତା ପଛରେ ଏଇ ସମସ୍ତ କାରଣ ମାନ ନିହିତ ଅଛି। ଭାରତରେ ଏନଏଫଏଚଏସ-୫ରୁ ଦେଖାଯାଇଥିଲା ଯେ କେବଳ ବିହାର, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡ ଭଳି କତିପୟ ରାଜ୍ୟମାନଙ୍କ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ଟିଏଫଆରରେ ସ୍ଖଳନ ଘଟିଛି। ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଏନଏଫଏଚଏସ-୫ରେ ଦେଖାଯାଇଥିଲା ଯେ ଆଦୌ ସ୍କୁଲ ମାଡ଼ି ନଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ୨.୮ ହୋଇଥିବାବେଳେ ୧୨ ବା ତୋତାଧିକ ବର୍ଷର ଶିକ୍ଷା ଲାଭ କରିଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ଥିଲା ୧.୮। ଅପେକ୍ଷାକୃତ କ୍ଷୁଦ୍ର ଦେଶମାନଙ୍କ ପାଇଁ ଟିଏଫଆରରେ ହ୍ରାସ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ଏଥିଯୋଗୁଁ ସେ ଦେଶର ଶ୍ରମଶକ୍ତି ସଙ୍କୁଚିତ ହୋଇଥାଏ ଏହାକୁ ଭରଣା କରିବାକୁ ବହିରାଗତ ଶ୍ରମିକମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ, ଯାହା ବର୍ତ୍ତମାନ ଇଉରୋପର ଅନେକ ଦେଶରେ ଦେଖାଯାଉଥିବା ଭଳି ସାମାଜିକ ସଂଘାତ ଓ ଅସ୍ଥିରତା ସୃଷ୍ଟି କରିଥାଏ। ଜାପାନ ଓ ଦକ୍ଷିଣ କୋରିଆ ପରି ପୂର୍ବ ଏସିଆର ଉନ୍ନତ ଦେଶମାନ ବର୍ତ୍ତମାନ ଜନସଂଖ୍ୟା ସଙ୍କୋଚନ ଜନିତ ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହେବା ଦେଖାଗଲାଣି। ଟିଏଫଆରରେ ସ୍ଖଳନ ଘଟି ଚାଲିଲେ ତାହା କ୍ରମେ ଜନସଂଖ୍ୟା ପରିମିଡକୁ ଓଲଟାଇଦେବ ଅର୍ଥାତ୍ ସେ ଦେଶର ଜନସଂଖ୍ୟାରେ ଯୁବପିଢ଼ି ତୁଳନାରେ ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ଅଧିକ ହେବ। ଉତ୍ପାଦନଶୀଳ ଯୁବକ ଯୁବତୀମାନଙ୍କ ଉପରେ ଅନୁତ୍ପାଦନଶୀଳ ବୃଦ୍ଧବୃଦ୍ଧାମାନେ ନିର୍ଭର କରିଥାନ୍ତି। ସମୟ ଅତିକ୍ରାନ୍ତ ହେବା ସହିତ ଏହି ନିର୍ଭରଶୀଳ ଅନୁପାତରେ ବୃଦ୍ଧି ଘଟିଚାଲି ଏକ ସମୟରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହେବ। କେବଳ ଏହି ବୟସ୍କମାନଙ୍କର ଜୀବନଧାରଣର ଆବଶ୍ୟକତା ପୂରଣ କରିବା ନୁହେଁ ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା ରାଷ୍ଟ୍ର ପାଇଁ ଏକ ବିଶାଳ ଓ ବର୍ଦ୍ଧିଷ୍ଣୁ ବୋଝ ସୃଷ୍ଟି କରିଥାଏ। ଶେଷରେ ଉତ୍ପାଦନଶୀଳ ଯୁବପିଢ଼ିକୁ ହିଁ ଏହି ବୋଝ ବହନ କରିବାକୁ ହୋଇଥାଏ।

କେବଳ କ୍ଷୁଦ୍ର ଦେଶମାନେ ଯେ ହ୍ରାସମାନ ଟିଏଫଆର ଜନିତ ଏଭଳି ସଙ୍କଟରେ ସମ୍ମୁଖୀନ ହୋଇଛନ୍ତି ତାହା ନୁହେଁ, ଚୀନ ଭଳି ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶ ମଧ୍ୟ ଏହି ଆତଙ୍କର ତାତି ଅନୁଭବ କରିବା ଦେଖାଗଲାଣି। ସେ ଦେଶ ଅତୀତରେ କଡ଼ାକଡ଼ି ଭାବରେ ଅନୁସରଣ କରିଥିବା ଏକ ସନ୍ତାନ ନୀତିର ଫଳସ୍ୱରୂପ ବର୍ତ୍ତମାନ ସେଠାରେ ଏଇଭଳି ପରିସ୍ଥିତି ଉପୁଜିବାକୁ ଆରମ୍ଭ କରିବାରୁ ସେଠାକାର ସରକାର ବର୍ତ୍ତମାନ ଏକାଧିକ ସନ୍ତାନ ଜନ୍ମ କରିବାକୁ ଦମ୍ପତିମାନଙ୍କୁ ପ୍ରବର୍ତ୍ତାଉଥିଲେ ହେଁ ସେମାନେ ସେଥିପାଇଁ ଆଉ ସହଜରେ ରାଜି ହେଉନାହାନ୍ତି। ଭାରତ ମଧ୍ୟ ସ୍ୱାଧୀନତା ପରଠାରୁ ଜନସଂଖ୍ୟା ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେଇ ଦେଶବ୍ୟାପୀ ପରିବାର ନିୟୋଜନ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶରେ ଜନସଂଖ୍ୟା ବୃଦ୍ଧି ଉପରେ ଲଗାମ ଦେବା ପାଇଁ ଉଦ୍ୟମ କରି ଆସିଥିଲା। ଭାରତର ସେହି ଉଦ୍ୟମ ଓ ଦେଶ ହାସଲ କରିଚାଲିଥିବା ଅର୍ଥନୈତିକ ପ୍ରଗତିର ମିଳିତ ଫଳସ୍ୱରୂପ ବର୍ତ୍ତମାନ ଦେଶର ଟିଏଫଆରରେ ଏଭଳି ସ୍ଖଳନ ଘଟିବା ଦେଖାଯାଇଛି। କିନ୍ତୁ ଆହୁରି କେତେ ବର୍ଷ ଧରି ଦେଶର ଜନସଂଖ୍ୟାରେ ବୃଦ୍ଧି ଘଟି ଚାଲିବା ପରେ ଯାଇ, ମୋଟ ଜନସଂଖ୍ୟା ୧୬୭ କୋଟି ଛୁଇଁଥିବ। ସୌଭାଗ୍ୟକ୍ରମେ ବର୍ତ୍ତମାନ ଭାରତର କର୍ମକ୍ଷମ ଯୁବପିଢ଼ି ହେଉଛି ପୃଥିବୀର ବିଶାଳତମ, ଯାହାକୁ ଆମର ଜନସଂଖ୍ୟାଗତ ଲାଭ ବା ଡେମୋଗ୍ରାଫିକ ଡିଭିଡେଣ୍ଡ ରୂପେ ବିଚାର କରାଯାଉଛି। ତେଣୁ ବର୍ତ୍ତମାନ ପାଇଁ ଏକ ନିମ୍ନଗାମୀ ଟିଏଫଆରମ ଆମ ପାଇଁ ଏକ ସମସ୍ୟା ରୂପେ ଆବିର୍ଭୂତ ହୋଇନାହିଁ। କିନ୍ତୁ ଯଦି ଦୀର୍ଘକାଳ ଧରି ଏହି ଧାରା ଅବ୍ୟାହତ ରହେ ତେବେ ଦୂର ଭବିଷ୍ୟତରେ ଏକ ସମୟ ଆସିବ, ଯେତେବେଳେ ଆମକୁ ଆଜିର ଦକ୍ଷିଣ କୋରିଆ ବା ଜାପାନ ଭଳି ପରିବାର ନିୟୋଜନ ପରିବର୍ତ୍ତେ ଏକ ପରିବାର ସମ୍ପ୍ରସାରଣ ଅଭିଯାନ ଆରମ୍ଭ କରିବାକୁ ପଡ଼ିପାରେ।

*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,*
*ଦୂରଭାଷ : ୯୮୬୧୪୬୩୪୦୬*

# ଜଳୁଛି ପୃଥିବୀ, ବିପଦରେ ବିଶ୍ୱ

ପ୍ରବଳ ଗରମ ଓ ଗ୍ରୀଷ୍ମପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ, ତତଲା କଡେଇରେ କଉମାଛ ଛଟପଟ ହେବା ପରି ଯନ୍ତ୍ରଣା । ଦେହ ପୋଡିଗଲା ଭଳି ଲାଗୁଛି । ମୁଣ୍ଡ ଝାଇଁ ମାରି ଯାଉଛି । ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ବଢ଼ି ବଢ଼ି ଚାଲିଛି । ତାପମାତ୍ରା ପଚାଶ ଡିଗ୍ରୀ ଡେଇଁଛି ଭାରତର ଦିଲ୍ଲୀ , ହରିଆଣା, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ । ଓଡ଼ିଶାରେ ଇସ୍ପାତ ନଗରୀ ରାଉରକେଲା, ମୟୁରଭଞ୍ଜର ବାରିପଦା ଓ ଝାରସୁଗୁଡ଼ାର ଟିଟିଲାଗଡ଼ରେ ସବୁ ପୂର୍ବ ରେକର୍ଡ଼ ଭାଙ୍ଗିଛି ଗ୍ରୀଷ୍ମ ତାତି । ଏମିତି ଅବସ୍ଥା କେବଳ ଆମ ରାଜ୍ୟ ଓଡ଼ିଶା କି ଆମ ଦେଶ ଭାରତରେ ନୁହେଁ, ବିଶ୍ୱର ଅନେକ ଦେଶ ତତଲା କଡ଼ ?ଇରେ ସନ୍ତୁଳି ହେବାର ଯନ୍ତ୍ରଣା ଭୋଗୁଛନ୍ତି । ବାୟୁମଣ୍ଡଳରେ ବଢୁଥିବା ଉତ୍ତାପକୁ ଆମେ ଗ୍ଲୋବାଲ ୱର୍ମିଙ୍ଗ ବୋଲି କହୁଛୁ ଯାହାର ଫଳାଫଳ ସମଗ୍ର ଜୀବଜଗତ ପାଇଁ ଅତ୍ୟନ୍ତ ହାନିକାରକ ଓ ମାରାତ୍ମକ । ଭାରତରେ ଏବେ ଋତୁଚକ୍ରରେ ବିରାଟ ପରିବର୍ତ୍ତନ । ବର୍ଷକ ବାରମାସରୁ ପାଖାପାଖି ଛଅ ମାସ ଗ୍ରୀଷ୍ମ ଋତୁ ଭଳିଆ ଲାଗୁଛି । ଜାନୁୟାରୀ ମାସର ଶେଷ ଆଡକୁ ଆରମ୍ଭ ହେଇ ଯାଉଛି ଗ୍ରୀଷ୍ମର ପ୍ରଭାବ ଓ ଅପ୍ରିଲ୍ ,ମେଁ , ଜୁନ୍ ରେ ଅବସ୍ଥା ଖରାପ କରୁଛି । ମୌସୁମୀ ଆସିଲେ କିମ୍ବା ଲଘୁଚାପ ଯୋଗୁଁ ବର୍ଷା ହେଲେ ଜୁନ୍ ଶେଷ ଆଡକୁ ପାଗ ଟିକେ ଥଣ୍ଡା ପଡୁଛି । ପ୍ରଦୂଷଣ ଓ ଜଳବାୟୁର ଅସ୍ୱଭାବିକ ପରିବର୍ତ୍ତନ ପାଇଁ ମୌସୁମୀ ପ୍ରାୟ ବାଟହୁଡା । ପ୍ରତିବର୍ଷ ଆମେ ପାଣିପାଗ କାର୍ଯ୍ୟାଳୟର ବୁଲେଟିନ ଅନୁସାରେ ଖବରକାଗଜରେ ପଢୁ ଏଥର ମୋ ?ସୁମୀ ସହଳ ଆସିବ, ପ୍ରବଳ ବର୍ଷିବ । କିନ୍ତୁ ଜଣେ ଚାଷିଘରର ମଣିଷ ଭାବରେ ମୋର ଯାହା ବ୍ୟକ୍ତିଗତ ଅଭିଜ୍ଞତା ଗତ ଏକ ଦଶନ୍ଧି ଭିତରେ ମୌସୁମୀ ବର୍ଷା କେବେ ବୋଧହୁଏ ଠିକ୍ ସମୟରେ ଆସିନି । ଶରତ ଓ ହେମନ୍ତ ଋତୁ କେବେ ଧରାବତରଣ କରି ଫେରି ଯାଆନ୍ତି, ସେକଥା ଜଣା ପଡୁନାହିଁ । ପିଲାଦିନର ହାଡ଼ଭଙ୍ଗା ଶୀତ ଆଉ ନାହିଁ । କେଇଦିନ ପାଇଁ କୁଣିଆ ଭଳି ଆସି ପୁଣି ଫେରି ଯାଉଛି ଶୀତ । ଶୀତ ପରେ ଋତୁରାଜ ବସନ୍ତର ମୃଦୁ ମଳୟ ବଦଳରେ ଗ୍ରୀଷ୍ମର ଅସହ୍ୟ ପ୍ରକୋପ । ଏମିତି କାହିଁକି ହେଲା , ଏଥିପାଇଁ ଦାୟୀ କିଏ ? କାରଣ ଖୋଜିବା ପାଇଁ ବେଶି ଦୂରକୁ ଯିବାନି । ଏବେ ଗାଁରେ ଷାଠିଏ ସତୁରି ବର୍ଷ ବୟସ୍କ ଯେକୌଣସି ଜଣେ ବ୍ୟକ୍ତିଙ୍କୁ ପଚାରିଲେ ସେ କହିବେ ତାଙ୍କ ପିଲାଦିନେ ଓ ଯୁବକ ଅବସ୍ଥାରେ ଏମିତି ଅସହ୍ୟ ଗ୍ରୀଷ୍ମ ପ୍ରବାହ ନଥିଲା । ସବୁ ଋତୁକୁ ସେମାନେ ଅନୁଭବ ଓ ଉପଭୋଗ କରିଛନ୍ତି । ଚାରିଆଡେ ଥିଲା ସୁନ୍ଦର ସବୁଜ ବୃକ୍ଷ, ସବୁଜିମା ଘେରା ଥିଲା ପରିବେଶ । ଅଂଶୁଘାତ କ'ଣ ଜଣା ନଥିଲା । ଖରାଦିନେ ଆମ୍ବ ତୋଟାରୁ ଆସୁଥିବା ଶୀତଳ ପବନ ଶରୀର ପାଇଁ ପର୍ଯ୍ୟାପ୍ତ ଥିଲା । କିନ୍ତୁ ଆଜିକାଲି ଦିନ ଦଶଟା ପରେ ବାହାରକୁ ଯିବାକୁ ଡର ଲାଗୁଛି, ଘର ଭିତରେ ବିନା ଏସି, ବିନା ପଙ୍ଖାରେ ରହି ହେଉନି । ଅସହ୍ୟ ଗ୍ରୀଷ୍ମ ପ୍ରକୋପ ପାଇଁ ଦେହରୁ ବହୁଛି ଗମଗମ୍ ଝାଳ । ସମସ୍ତଙ୍କ ଘରବାଡ଼ି ଓ ଗୋଚ଼ର ଜମିରେ ଥିବା କଇଥ, ଆମ୍ବ,କରଂଜ, ୟୁକାଲିପଟାସ ,ଅର୍ଜୁନ, ଲେମ୍ବୁ ,ତାଳ,ଜାମୁକୋଳି, ପିଜୁଳି ଇତ୍ୟାଦି ଗଛ ଆଉ ନାହିଁ । ଗାଁ ଇଜିମାଇଲି ପୋଖରୀ ଚାରିପଟେ ଥିବା ବିଭିନ୍ନ ପ୍ରକାର ଗଛ ସଫା। ରାସ୍ତା କଡ଼ରେ ଥିବା କେତେ ଗଛ ବାଟୋଇଙ୍କୁ ଖରାଦିନେ ଶାନ୍ତିର ଶୀତଳ ଛାଇ ଦେଉଥିଲେ। ମଣିଷର ଅମଣିଷ ପଣିଆର ଧାରୁଆ କରତରେ ସବୁ ବୃକ୍ଷ ସମାଧି ନେଇଛନ୍ତି । ଚାଳ ଛପର ଘର ବଦଳରେ ଏବେ ପ୍ରାୟ ସମସ୍ତଙ୍କର କୋଠାଘର କିମ୍ବା ଆଜବେଷ୍ଟସ ଘର । ଯେଉଁ ହାରରେ ଲୋକସଂଖ୍ୟା ବଢୁଛି, ସେହି ହାରରେ ଜଙ୍ଗଲ ସଫା ହେଉଛି । ଗଛ କଟାଯାଇ ନୂଆ ଘର ହେଉଛି , ରାସ୍ତା ହେଉଛି । ଜଙ୍ଗଲ କମୁଛି, ଲୋକସଂଖ୍ୟା ବଢୁଛି, ଏଥି ସହିତ କଳକାରଖାନା, ଗାଡିମଟର ସଂଖ୍ୟା ବି ବୃଦ୍ଧି ପାଇବାରେ ଲାଗିଛି । ଏବେ ଯେଉଁ ଗରମ ହେଉଛି, ସହି ହେଉନି । ତେବେ ଏତେ ଅସ୍ୱଭାବିକ ଅସହ୍ୟ ଗରମର କାରଣ ଓ ପ୍ରତିକାର ବିଷୟରେ ଆମେ ଗଭୀର ଭାବରେ ଚିନ୍ତନ କରୁଛୁ କି ? ଜଳବାୟୁ ପରିବର୍ତ୍ତନ ପଛରେ ଥିବା କାରଣର ବ୍ୟବଚ୍ଛେଦ ରିପୋର୍ଟ ବିଷୟରେ ଜାଣିବା ପରେ ଆମେ କେତେ ସଜାଗ ଓ ସଚେତନ ହେଇଛୁ ସତରେ । ଜଳବାୟୁ ପରିବର୍ତ୍ତନକୁ ନେଇ ବ୍ୟସ୍ତ ବିବ୍ରତ ସମଗ୍ର ବିଶ୍ୱ । ଆନ୍ତର୍ଜାତିକ ସ୍ତରରେ ବିଶ୍ୱର ସବୁ ଦେଶର ନେତାଙ୍କୁ ନେଇ ବୈଠକ ହେଉଛି । ବୈଠକରେ ଯାହା ନିର୍ଯାସ ବାହାରୁଛି ଓ ଯାହା ନିଷ୍ପତ୍ତି ନିଆ ଯାଉଛି , ତାକୁ କେତେଦୂର କେଉଁ ଦେଶ କେତେ ପାଳନ କରୁଛନ୍ତି, ସେ ବିଷୟରେ ବି ଅନୁଧ୍ୟାନ କରାଯାଉଛି । ୧୯୯୫ ରେ ଜର୍ମାନୀର ବର୍ଲିନ ସହରରେ ଜଳବାୟୁ ପରିବର୍ତ୍ତନ ଉପରେ ପ୍ରଥମ ସମ୍ମିଳନୀ ବସିଥିଲା । ତା'ପରେ ଅନେକ ସମ୍ମିଳନୀ ଅନେକ ଦେଶରେ ବିଶ୍ୱ ନେତାଙ୍କୁ ନେଇ । ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଉପରେ ୨୦୨୩ ରେ ୨୮ତମ ଆନ୍ତର୍ଜାତିକ ସମ୍ମିଳନୀ ଦୁବାଇରେ ନଭେମ୍ବର ୩୦ ତାରିଖରୁ ଡ଼ିସେମ୍ବର ୧୨ ଯାଏ ଚାଲିଲା । ଆଲୋଚନା ହେଉଛି,ପର୍ଯାଲୋଚନା ହେଉଛି, ବିଶ୍ୱର ନେତାମାନେ ଏ ବିଷୟରେ ଚିନ୍ତା କରୁଛନ୍ତି । ବହୁତ ଭଲ କଥା । କିନ୍ତୁ ବାସ୍ତବ ପରିବର୍ତ୍ତନ ସେହିଦିନଠାରୁ ଆରମ୍ଭ ହେବ, ଯେଉଁଦିନ ପାଖରୁ ପୃଥିବୀ ପୃଷ୍ଠରେ ବସବାସ



ଭାସ୍କର ବାରିକ୍

କରୁଥିବା ପ୍ରତ୍ୟେକ ମଣିଷ ପଂଚଭୂତ ଓ ପ୍ରକୃତି ପାଇଁ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ସୁଚାରୁରୂପେ ବୁଝିବେ ଓ ପାଳନ କରିବେ । ପ୍ରକୃତି ହିଁ ପ୍ରକୃତ ଈଶ୍ୱର । ପ୍ରକୃତି ଉପରେ ମଣିଷ ଅତ୍ୟାଚାର କଲେ , ପ୍ରକୃତି ଦେଖେଇବ ତା'ର ଭିନ୍ନ ରୂପ । ବିଖ୍ୟାତ ଇଂରାଜୀ କବି ୱ୍ୱଡଶର୍ଥଙ୍କ ଭାଷାରେ ପ୍ରକୃତିରେ ଅଛନ୍ତି ଈଶ୍ୱର । କବିଙ୍କର ଏହି ବିଚାରକୁ ପାନ୍ଥେଇଜିମ୍ ଫିଲୋସଫି ବୋଲି କୁହାଯାଏ । ଜଙ୍ଗଲ ଭିତରେ ଥିବା ସରଳ ଛଳଛଳ ହୃଦୟର ମଣିଷ ମାନଙ୍କୁ ପଚାରିଲେ ସେମାନେ କହିବେ କେତେ ଭଲ ପାଆନ୍ତି ଜଙ୍ଗଲକୁ ସେମାନେ । ଜଙ୍ଗଲକୁ ପୂଜାର୍ଚ୍ଚନା କରିଥାନ୍ତି ସେମାନେ । କିନ୍ତୁ ଦୁର୍ଭାଗ୍ୟ ଆମେ ପାଠଶାଠ ପଢ଼ିଥିଲେ ବି, ଜଙ୍ଗଲର ସୁରକ୍ଷା କରିବା ବଦଳରେ ଆମ ନିଜର ସୁଖ ସୁବିଧା ପାଇଁ ସଫା କରୁଛୁ ଜଙ୍ଗଲ । ଆବଶ୍ୟକତା ଓ ଦ୍ରୁତ ଅର୍ଥନୈତିକ ପ୍ରଗତି ପାଇଁ ବଡ଼ ବଡ଼ କଳକାରଖାନା ଗଢ଼ି ଉଠୁଛି । ରାସ୍ତା ଓସାରିଆ କରିବା ପାଇଁ ହଜାର ହଜାର ଗଛ କାଟି ସଫା କରାଯାଉଛି କିନ୍ତୁ କଟା ଯାଉଥିବା ଗଛ ବଦଳରେ ନୂଆ ଗଛ କେତୋଟି ଲଗା ଯାଉଛି ? ପ୍ରତିବର୍ଷ ଜଙ୍ଗଲ ନିଆଁ ବିଷୟରେ ଆମେ ପଢୁଛୁ, ଜଙ୍ଗଲ ନିଆଁର ଆଁ ଭିତରେ ହୁତୁ ହୁତୁ ହୋଇ ବୃକ୍ଷ ସବୁ ଜଳୁଥିବାର ଭୟାବହ ଦୃଶ୍ୟ ଆଖିରେ ଦେଖୁଛୁ । ହଜାର ହଜାର ବର୍ଗ କିଲୋମିଟର ଜଙ୍ଗଲ ଧ୍ୱଂସ ହେଉଛି ପ୍ରତି ବର୍ଷ ବିଶ୍ୱରେ । ଯେତିକି ଜଙ୍ଗଲ ନଷ୍ଟ ହେଉଛି, ତା'ର ଏକ ତୃତୀୟାଂଶ ବି ସୃଷ୍ଟି କରାଯାଇ ପାରୁନି । ନୂଆ ଗାଡି ମୋଟର ସଂଖ୍ୟା ହୁ ହୁ ହୋଇ ବଢ଼ି ଚାଲିଛି । ସୌନ୍ଦର୍ଯ୍ୟତା,ଫୁଲ ଫଳ,ଛାଇ, ବର୍ଷା , ଅମ୍ଳଜାନ ପରି ଅମୃତ ଦେଇ ବିଷାକ୍ତ ଗ୍ୟାସ୍ କୁ ଖୁସିରେ ନିଳକଣ୍ଠ ପରି ଶୋଷି ନେଉଥିବା ଜଙ୍ଗଲର ମହତ୍ତ୍ୱକୁ ଅଣଦେଖା କରି ଆମେ ଜଙ୍ଗଲ ସଫା କରି ଚାଲିଛୁ । ଆମ କୁକର୍ମର ଫଳ ଆମେ ଭୋଗିବୁନି ତ,ଆଉ କିଏ ଭୋଗିବ ? ଆମେ ଅକ୍ଷମଣୀୟ ଅପରାଧ କରିବା, ଆମ ଅପରାଧ ପାଇଁ ଦଣ୍ଡ ଆମେ ଭୋଗିବାନି ତ ଆଉ କିଏ ଭୋଗିବ । ଲାଗୁଛି, ଜଙ୍ଗଲରୁ ଆରମ୍ଭ ହୋଇଥିବା ଜୀବନ ଓ ସଭ୍ୟତା ଦିନେ ଶେଷ ହେଇଯିବ ମରୁଭୂମିରେ । ପ୍ରଦୂଷିତ ପରିବେଶ ଭଳି ମଣିଷର ମନ ବି ପ୍ରଦୂଷିତ ଓ କଳୁଷିତ । ଯେଉଁ ପ୍ରକୃତି ଆମକୁ ଖୁସିରେ ଶାନ୍ତିରେ ଜିଇଁବା ପାଇଁ ସବୁକିଛି ଦେଇଛି, ଆମେ ସେହି ପ୍ରକୃତିକୁ ଗୋଇଠା ମାରୁଛେ । ଆମେ ସମସ୍ତେ ତ ନିଜ ସ୍ୱାର୍ଥରେ ଅନ୍ଧ। ସବୁ ଜାଣିବୁଝି ଯଦି ଆମେ ଅନ୍ଧ ମୂକ ବଧିରର ଅଭିନୟ କରିବା, ବିପଦକୁ ଆମନ୍ତ୍ରଣ କରିବା , ବିପଦପୂର୍ଣ୍ଣ ପରିବେଶ ତିଆରି ହେବ ହିଁ ହେବ । ତେଣୁ ଅନ୍ଧାର ଆସିବା ସ୍ୱାଭାବିକ । କାଳର କରାଳ ଅନ୍ଧାର ଆସୁଛି ଧିରେ ଧିରେ ଗିଳିଦେବା ପାଇଁ ସମସ୍ତଙ୍କୁ । ସିଧାସଳଖ ଅର୍ଥରେ ଆମେ ନିଜେ ନିଜ ପାଇଁ କବର ଖୋଳି ଚାଲିଛୁ । ସମସ୍ୟା ଅଛି ମାନେ ସମସ୍ୟାର ନିବାରଣ ପାଇଁ ବି ରାସ୍ତା ଅଛି । ଆମକୁ ରାସ୍ତା ଖୋଜିବାକୁ ପଡିବ । ଗଭୀର ଭାବରେ ଚିନ୍ତା କରିବାକୁ ହେବ । ଲୋକ ସଂଖ୍ୟା ବିସ୍ଫ ?ରଣକୁ ରୋକିବା, କଳକାରଖାନାରୁ ବାହାରୁଥିବା ବିଷାକ୍ତ ଗ୍ୟାସ, ଧୂଆଁକୁ ଟେକ୍ନୋଲୋଜି ବ୍ୟବହାର କରି ଯଥା ସମ୍ଭବ ନିୟନ୍ତ୍ରଣ ଭିତରେ ରଖିବା, ପୁରୁଣା ଜଙ୍ଗଲର ସୁରକ୍ଷା କରିବା ସହିତ ନୂତନ ଜଙ୍ଗଲ ସୃଷ୍ଟି କରିବା, କ୍ଷେପଣାସ୍ତ୍ରର ପରୀକ୍ଷଣ ଓ ପ୍ରୟୋଗ ବନ୍ଦ କରିବା,ପ୍ରକୃତି ମାଆ ଓ ପଂଚଭୂତକୁ ଉପଯୁକ୍ତ ସମ୍ମାନ ଦେବା ଓ ସବୁ କ୍ଷେତ୍ରରେ ସନ୍ତୁଳନ ରକ୍ଷା କରିବା ସମୟର ଆହ୍ୱାନ। ଲୋକସଂଖ୍ୟା ବିସ୍ଫ ?ରଣ ନିୟନ୍ତ୍ରଣାଧୀନ ହେଲେ, କଳକାରଖାନା ଓ ଗାଡ଼ି ମୋଟରର ଆବଶ୍ୟକତା ଟିକେ କମିଯିବ । ବାୟୁମଣ୍ଡଳରେ କଳକାରଖାନା ଓ ଗାଡ଼ି ମୋଟରରୁ ବାହାରୁଥିବା ବିଷାକ୍ତ ଗ୍ୟାସ୍, ଧୂଳି ଧୂଆଁ ଓ ନିଆଁର ପ୍ରଭାବ କମିଯିବ । ଆମର ଆବଶ୍ୟକତା ପୂରଣ ପାଇଁ ପ୍ରକୃତି ଆମକୁ ସବୁକିଛି ଦେଇଛି, କିନ୍ତୁ ଆମେ ଲୋଭର ବଶବର୍ତ୍ତୀ ହୋଇ ପ୍ରକୃତି ଉପରେ ଅତ୍ୟାଚାର କରି ଚାଲିଛୁ । ଯେତିକି ଜଙ୍ଗଲ ଅଛି, ତା'ର ସୁରକ୍ଷା ସହିତ ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି ହେଲେ, ବାୟୁମଣ୍ଡଳର ସବୁ ବିଷକୁ ଜଙ୍ଗଲ ଶୋଷି ନେଇଯିବ ଓ ବାୟୁମଣ୍ଡଳ ପରିଷ୍କାର ହେବ କିଛି ବର୍ଷ ଭିତରେ । ବୃକ୍ଷ କାଟୁଥିବା ଓ ଜଙ୍ଗଲ ଧ୍ୱଂସ କରୁଥିବା ଲୋକଙ୍କୁ ଅପରାଧୀ ବୋଲି ବିବେଚନା କରାଯାଇ କଠୋର ଦଣ୍ଡର ବ୍ୟବସ୍ଥା କରାଯାଉ । ବିଦ୍ୟାଳୟ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପରିବେଶ ସୁରକ୍ଷା ଉପରେ ସବୁ ପିଲାଙ୍କୁ ସଚେତନ କରାଯାଉ ଓ ବୃକ୍ଷ ରୋପଣ ପାଇଁ ଉତ୍ସାହିତ କରାଯାଉ । ପ୍ରତି ପଞ୍ଚାୟତରେ ବର୍ଷକୁ ଅନ୍ତତଃ ପାଂଚ ଶହ ଗଛ ଲଗାଇ ତା'ର ସଠିକ୍ ଦେଖାରଖା କରିବା ପାଇଁ ପଞ୍ଚାୟତକୁ ଆବଶ୍ୟକ ଅର୍ଥ ଓ ଦାୟିତ୍ୱ ଦିଆଯାଉ । ବୃକ୍ଷ ରୋପଣ ଓ ଦେଖାରଖା କରିବା ଦିଗରେ ସବୁ ଜିଲ୍ଲାରୁ ଶ୍ରେଷ୍ଠ ଦଶଟି ପଂଚାୟତକୁ ଜିଲ୍ଲା ଓ ରାଜ୍ୟ ସ୍ତରରେ ପୁରସ୍କୃତ କରିବାର ବନ୍ଦୋବସ୍ତ କରାଯାଉ । ସବୁ ସରକାରୀ କର୍ମଚାରୀ ଓ ଅଧିକାରୀ ମାନେ ନିଜର ପରିବାରର ଯେତିକି ମଣିଷ ଅଛନ୍ତି, ପ୍ରତି ମଣିଷ ପିଛା ପାଂଚଟି ଲେଖା ଗଛ ଲଗାନ୍ତୁ ନିଜର ଘରବାଡ଼ିରେ କିମ୍ବା ଖାଲିଥିବା ପାଖ ସରକାରୀ ଜାଗାରେ ଓ ତା'ର ସଠିକ୍ ଯତ୍ନ ନିଅନ୍ତୁ । ସରକାରୀ ସୁବିଧା ପାଉଥିବା ସବୁ ମଣିଷ ମାନଙ୍କୁ ନିଜ ଗାଁରେ ଥିବା ଗୋଚର ଜମିରେ ଗଛ ଲଗାଇ ସଠିକ୍ ଯତ୍ନ ନେବାକୁ ଉତ୍ସାହିତ କରାଯାଉ । ଯେଉଁଠି ଯେଉଁଠି କଳକାରଖାନା ଅଛି, ସେହି କଳକାରଖାନାର ମାଲିକ ମାନଙ୍କୁ ପ୍ରତି ବର୍ଷ ଖାଲି ପଡିଥିବା ସରକାରୀ ଜାଗାରେ ଦଶରୁ କୋଡ଼ିଏ ହଜାର ଗଛ ଲଗାଇ ତା'ର ସଠିକ୍ ରକ୍ଷଣାବେକ୍ଷଣ କରିବା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଉ ଓ ସରକାରୀ ସ୍ତରରେ ତା'ର ତଦାରଖ କରାଯାଉ । ଜଙ୍ଗଲ ବିଭାଗ ଜଙ୍ଗଲ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରୁ ଓ ସେହି ଯୋଜନାକୁ ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ କରୁ । ଜଙ୍ଗଲ ବଢିଲେ ଠିକ୍ ସମୟରେ ବର୍ଷା ହେବ, ଜଳବାୟୁରେ ଆସିବ ଆଖି ଦୃଶିଆ ପରିବର୍ତ୍ତନ, ବାୟୁମଣ୍ଡଳ ହେବ ସ୍ୱଚ୍ଛ ଓ ଗ୍ରୀଷ୍ମର ତତଲା ପବନ କମିଯିବ । ମାଟି ତଳର ଜଳସ୍ତର ବଢିବା ସହିତ ଜଳ ସମସ୍ୟା ଦୂର ହେବ । ତେଣୁ ଜଙ୍ଗଲର ସୁରକ୍ଷା ଓ ଲୋକସଂଖ୍ୟା ନିୟନ୍ତ୍ରଣ ଆଜିର ଆହ୍ୱାନ । ସବୁ ସମସ୍ୟା ପଛରେ ଏହି ଦୁଇଟି ମୁଖ୍ୟ କାରଣ ନିଶ୍ଚୟ । ଏ ସୁନ୍ଦର ସୃଷ୍ଟି ସର୍ଜନାର ରକ୍ଷା ପାଇଁ ଆମକୁ ତ୍ୟାଗ କରିବା ଶିଖିବାକୁ ପଡିବ । ତ୍ୟାଗ କରିବା ନା ଭୋଗ ବିଳାସରେ ବୁଡ଼ି ରହି ଧ୍ୱଂସକୁ ଡ଼ାକି ଆଣିବା, ସବୁକିଛି ନିର୍ଭର କରୁଛି ଆମ ଉପରେ । ଈଶ୍ୱର କରନ୍ତୁ ଆମ ସମସ୍ତଙ୍କ ଭିତରେ ଥିବା ବିବେକ ଓ ହୃଦୟ ଜାଗ୍ରତ ହେଉ ଓ ଈଶ୍ୱରଙ୍କ ହାତଗଢା ଏ ସୁନ୍ଦର ସୃଷ୍ଟି ଓ ସଭ୍ୟତା ବଂଚିରହୁ ସବୁଦିନ ପାଇଁ । ଗ୍ଲୋବାଲ ୱର୍ମିଙ୍ଗକୁ ରୋକିବା ପାଇଁ ଯଦି ଯୁଦ୍ଧ କାଳୀନ ଭିତ୍ତିରେ ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନନେବା, ଯଦି ଆମେ ସଚେତନ ନହେବା, ସାମ୍ନା କରୁଥିବା ବିପଦରୁ କିଛି ନଶିଖିବା, ତାହେଲେ ବାୟୁମଣ୍ଡଳ ଆହୁରି ଉତ୍ତପ୍ତ ହେଇ ଚାଲିବ ଓ ସମଗ୍ର ବିଶ୍ୱ ନିଆଁ ଧୂଆଁରେ ପୋଡ଼ି ଜଳି ପାଉଁଶ ହେଇଯିବ ।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*




# ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

ସୁବ୍ରତ କୁମାର ମହାନ୍ତି

ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ । ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ । ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା । ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି । ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ । ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବର ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ । ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋୱେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ । ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ । ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ । ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ବ୍ୟବହାର କରି ଯେଉଁ ଖତ ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଯାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ । ତତ୍‌ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବତ୍ୱରକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ ।

**ପ୍ରସ୍ତୁତି ପ୍ରଣାଳୀ :**

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ । ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି । ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସର୍ବାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ । କୁଣ୍ଡର ତଳସ୍ଥରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ । ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ



କରିବାକୁ ପଡ଼େ । ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ । ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ । ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ । ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ । କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ । ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ । ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ । ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ ।

**ପ୍ରସ୍ତୁତ ସମୟର ସତର୍କତା :**

କେବଳ ଉଦ୍ଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ



ବ୍ୟବହାର ଯୋଗ୍ୟ । ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ । ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ । ସେଥିପାଇଁ ଆର୍ଦ୍ରତା ପରିଚାଳନା ସୁଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍ । ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ ।

**ଜିଆଖତର ପ୍ରୟୋଗ :**

କ୍ଷେତ୍ର ଫସଲ ବା ଶ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ । ମି ବୁଣିବା



ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ । ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗରୁ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ । ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ ।

ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

# କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ



ବିଜ୍ଞାନ ରଂଜନ ସାହୁ

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଲିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା





ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

କୃଷି ସ୍ନାତକୋତ୍ତର , ଓୟୁଏଟି

# ଟିଲାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା



ବିଜ୍ଞାନ ମିହିର ରାଉତ

ଟିଲାପିଆ ମାଛକୁ କେତେକ ଗରିବଙ୍କ ମାଛ ବୋଲି କହନ୍ତି । ଏହାର ମୂଳ ବାସସ୍ଥାନ ଆଫ୍ରିକା । ଆଫ୍ରିକା ମହାଦେଶ ବାହାରେ ସର୍ବପ୍ରଥମେ ଏହାର ଏକ ପ୍ରଜାତି ମୋଜାମ୍ବିକ ଟିଲାପିଆ ଚାଷ ଆରମ୍ଭ ହୋଇଥିଲା । କିନ୍ତୁଏହା କ୍ଷୁଦ୍ର, କମ୍ ଚାହିଦା ଓ କେତେକ ଅନାଦୃତ କାରଣ ବଶତ ଏହାର ଚାଷ ସଫଳ ହୋଇପାରିନଥିଲା । ପରେ ବିଂଶ ଶତାବ୍ଦୀରେ ଏକ ଉନ୍ନତ ପ୍ରଜାତିର ଟିଲାପିଆକୁ ଚାଷ କରାଯାଇ ଅଭୁତପୂର୍ବ ସଫଳତା ହାସଲ କରାଯାଇଥିଲା ।ଏହାକୁ ବିଂଶ ଶତାବ୍ଦୀର ମୁଖ୍ୟ ଜଳଜୀବ ଭାବେ ଗଣା ଯାଉଛି ।ଏହି ମାଛ ଅତ୍ୟନ୍ତ ସହନଶୀଳ ଓ ରୋଗପ୍ରତିରୋଧକ୍ଷମ ହୋଇଥାଏ । ଏହାଛଡ଼ା ୪-୬ ମାସ ଭିତରେ ବିକ୍ରିଯୋଗ୍ୟ ହୋଇଥାଏ । ଏହି ମାଛକୁ ବର୍ତ୍ତମାନ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଷ କରାଯାଉଛି ।

ଟିଲାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ । ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ । ନୀଳନଦୀ ଟିଲାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ଟିଲାପିଆ ଭାବେ ଗଣା ହୋଇଥାଏ । ନୀଳ ଟିଲାପିଆ ଶଙ୍କର ଜାତୀୟ ଟିଲାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ । ଏହା ସମୁଦାୟ ବିଶ୍ୱର ଟିଲାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ । ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ । ମୋଜାମ୍ବିଆ ଟିଲାପିଆ ନୀଳନଦୀ ଟିଲାପିଆର ପ୍ରଜାତି ଅଟେ । ଲାଲ୍ ଟିଲାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା । ଏହା ବର୍ତ୍ତମାନ ସାରା ବିଶ୍ୱରେ ଆଦୃତ ହୋଇପାରିଛି ।

ଉତ୍ପାଦନ- ଟିଲାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି । ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ଟିଲାପିଆ ଉତ୍ପାଦନ କାରୀ ରାଷ୍ଟ୍ର । ବିଶ୍ୱର ଅର୍ଦ୍ଧାଧିକ ଟିଲାପିଆ ଚୀନ୍ ଆସିଥାଏ । ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ । ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ । ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ ।ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଟିଲାପିଆ



ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ । ପିରା ଚାଷ ମାଧ୍ୟମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ଟିଲାପିଆ ଉତ୍ପାନନ ହୋଇପାରିଥାଏ । ସେହିପରି ଚୀନ୍, ମାଲେସିଆ ଓ ତିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ଟିଲାପ୍ପିାକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଗନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ ।

ପୋଖରୀ ଚାଷ- ଫିଲିଫାଇନ୍ସରେ ଟିଲାପିଆକୁ ଏକୁଲି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ । ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି । ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୭ ଟନ ଟିଲାପିଆ ଉତ୍ପନ୍ନ ହୋଇପାରିବ ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ଟିଲାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ମୋହିତ ଭାବେ ଚାଷ କରାଯାଇଥାଏ । ନୀଳନଦୀ ଟିଲାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ । ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ ।

ଏକଲିଙ୍ଗି ଚାଷ- ଟିଲାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ । ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ଟିଲାପିଆ ମାଛ ମିଳିଥାଏ । ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ । ଅଧିକାଂଶ ଚାଷୀ ଏକଲିଙ୍ଗି ଚାଷକୁ ଗୁରୁତ୍ୱ ଦେଇଥାନ୍ତି । ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ । ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ । କହିବାକୁ ଗଲେ ଟିଲାପିଆ ଚାଷ ଲାଭଦାୟକ ଅଟେ । ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ଟିଲାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି ।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

# ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ । କୃଷିର ବି୍ଶ, କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ବିଗତ ୨୦୧୮ ଏପ୍ରିଲରୁ କୃଷି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା ନିରନ୍ତର ଭାବେ ପ୍ରକାଶ ପାଇ ଚାଷୀକୁଳ ପାଖରେ ବେଶ ସ୍ନେହ , ଶ୍ରଦ୍ଧା ସାଉଁଟିପାରିଛି । ଶ୍ୟାମଳ ସୁବର୍ଣ୍ଣ ସବୁବେଳେ କୃଷିର ବିକାଶ ସହ କୃଷକର ବିକାଶ ଉପରେ ଗୁରୁତ୍ୱ ଦେଇଥାଏ । ତେବେ ଆଗାମୀ ଡ଼ିସେମ୍ବର ୫ ତାରିଖ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଉଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଟି ଓ ଏହାର ଉପାଦେୟତା ବିଷୟରେ ସଚେତନତା ସୃଷ୍ଟି କରାଯିବା ହିଁ ଏହାର ମୂଳ ଲକ୍ଷ୍ୟ । କୃଷି ବିଜ୍ଞାନୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ମାଟି ସହ ଜନଜୀବନର ବିଶେଷତା ଉପରେ ସଚେତନତା କରାଇବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି । ଏହି ପ୍ରବନ୍ଧର ବିଷୟ ବସ୍ତୁ ରହିଛି : ମାଟି -ଚାଷର ଏନ୍ତୁଡ଼ିଶାଳ ଓ ଇଂରାଜୀ ବିଭାଗ ପାଇଁ ବିଷୟ- soil-the life giver of all existence । ଛାତ୍ରଛାତ୍ରୀ ମାନେ ଉଭୟ ଓଡ଼ିଆ ଓ ଇଂରାଜୀରେ ପ୍ରବନ୍ଧ ଲେଖି ୬୦୦-୭୦୦ ଶବ୍ଦ ମଧ୍ୟରେ ୩୦.୧୧.୨୦୨୧ ମଧ୍ୟରେ ପଠାଇବାକୁ ନିବେଦନ କରାଯାଇଛି । ପଠାଇବାର ଠିକଣା - ଇମେଲ- dshuvam97@gmail.com ଓ ଡ଼ାକ ମାଧ୍ୟମରେ - ମାର୍ଫତ- ସମ୍ପାଦକ,ଶ୍ୟାମଳ ସୁବର୍ଣ୍ଣ , ଷ୍ଟେଟ୍ ବ୍ୟାଙ୍କ ପାଖ , ବାସୁଦେବପୁର , ଭଦ୍ରକ ଠିକଣାରେ ପଠାଇପାରିବେ । ପ୍ରତିଯୋଗିତାର ଫଳାଫଳ ଆସନ୍ତା ଡ଼ିସେମ୍ବର ୫ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଘୋଷଣା କରାଯିବା ସହ ଶ୍ରେଷ୍ଠ ତିନିଜଣଙ୍କୁ ମାନପତ୍ର ଦିଆଯିବ ବୋଲି ସମ୍ପାଦକ କହିଛନ୍ତି ।




# ଯୁଦ୍ଧାୟ କୃତନିଶ୍ଚୟ...

୨୦୦୩ ମସିହା ଅକ୍ଟୋବର ୩୧ ତାରିଖରେ ଜାତିସଂଘର ଆନୁଷ୍ଠାନିକ ବୈଠକରେ ନିଷ୍ପତ୍ତି (ସଂଖ୍ୟା-୫୮/୪) ଗ୍ରହଣ କରାଗଲା ଯେ ଡ୍ରଗ୍ସ ଆଣ୍ଡ କ୍ରାଇମର ଜାତିସଙ୍ଘ କାର୍ଯ୍ୟାଳୟକୁ ଏହାର ସଚିବାଳୟରେ ପରିବର୍ତ୍ତିତ କରାଯିବ। ଦୁର୍ନୀତି ପ୍ରତି ସଚେତନତା ସୃଷ୍ଟି ଏବଂ ଏହାର ମୁକାବିଲା ଓ ପ୍ରତିରୋଧ କରିବାରେ ଜାତିସଙ୍ଘର ଭୂମିକା ବିଷୟରେ ଅବଗତ କରାଇବା ପାଇଁ ୯ ଡିସେମ୍ବରକୁ ଅନ୍ତର୍ଜାତୀୟ ଦୁର୍ନୀତି ବିରୋଧୀ ଦିବସ ଭାବେ ଘୋଷଣା କରାଗଲା। ଡିସେମ୍ବର ୨୦୦୫ରେ ଏହା କାର୍ଯ୍ୟକାରୀ ହେଲା। ଦୁର୍ନୀତି ଏକ ଜଟିଳ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବ୍ୟାଧି, ଯାହା ସମଗ୍ର ବିଶ୍ୱକୁ କବଳିତ କରିଛି। ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଭିତ୍ତିଭୂମିକୁ ଦୁର୍ବଳ କରିବା ସହ ଅର୍ଥନୈତିକ ବିକାଶକୁ ଏହା ମନ୍ଥର କରିଚାଲିଛି। ସରକାରୀ ଅସ୍ଥିରତାର କାରକ ସାଜିଛି ଭ୍ରଷ୍ଟାଚାର। ନିର୍ବାଚନ ପ୍ରକ୍ରିୟାକୁ ବିକୃତ କରି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ମୂଳଦୁଆକୁ ଆକ୍ରମଣ କରିଚାଲିଛି। ଆଇନ କାନୁନ ଉଲ୍ଲଂଘନ କରିବା ସହ ଅମଲାତନ୍ତ୍ର ସମ୍ବନ୍ଧୀୟ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି। ଏସବୁ ତିଷ୍ଠିବାର ଏକମାତ୍ର କାରଣ ହେଉଛି ଲାଞ୍ଚ। ବିଦେଶୀ ପ୍ରତ୍ୟକ୍ଷ ନିବେଶ ହତୋତ୍ସାହିତ କରାଯିବାରୁ ଅର୍ଥନୈତିକ ବିକାଶ ହୋଇପାରୁନାହିଁ। ଦୁର୍ନୀତି ଯୋଗୁଁ ବ୍ୟବସାୟ ଆରମ୍ଭ ପାଇଁ ଆବଶ୍ୟକ ଅର୍ଥ ମିଳିପାରୁନାହିଁ, ଯାହାଦ୍ୱାରା ଦେଶରେ କ୍ଷୁଦ୍ର ବ୍ୟବସାୟ ଅଧିକାଂଶ ସମୟରେ ଅସମ୍ଭବ ହେଉଛି। ଭାରତୀୟ ଗଣତାନ୍ତ୍ରିକ ଓ ପ୍ରଶାସନିକ କ୍ଷେତ୍ରକୁ ଦେଖିଲେ ଜଣାଯାଏ ଯେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଥିବା ଭାରତରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସବୁକ୍ଷେତ୍ରରେ ଭୂମିକା ଗ୍ରହଣ କରାଯାଉଛି। ତଥାପି ଆଜି ସମାଜର ସବୁଠି ଓ ସବୁକ୍ଷେତ୍ରରେ ଏହାର କାୟା ବଢ଼ିବାରେ ଲାଗିଛି। ଏପରି ଏକ ସମୟ ପହଞ୍ଚିଲାଣି ବିନା ଦୁର୍ନୀତିରେ, ପ୍ରିୟାପ୍ରୀତିରେ ସତେ ଯେପରି ଖଣ୍ଡିଏ କାଗଜ ବି ସରକାରଙ୍କ ଦପ୍ତର ଠାରୁ ବେସରକାର ଦପ୍ତରରେ ମଧ୍ୟ ଉଠି ନଥିବାର ଅଭିଯୋଗ ହୁଏ। ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ଯୋଗାଯୋଗ, ପ୍ରଯୁକ୍ତି ଠାରୁ ସବୁ କ୍ଷେତ୍ରରେ ଦୁର୍ନୀତିର ବିଭିନ୍ନ ରୂପ ଅନେକ ସମୟରେ ଦେଖାଯାଏ ଯାହାକୁ ନେଇ ଗଣମାଧ୍ୟମରେ ବିସ୍ତୃତ ଖବର ପ୍ରକାଶ ପାଏ। ଜଣେ ରାଜନେତା ଏକଦା ପରିହାସ ଛଳରେ କହିଥିଲେ ଯେ 'ଦୁର୍ନୀତିକୁ ନୀତି କରିଦେଲେ ଆଉ କିଛି ଅସୁବିଧା ରହିବ ନାହିଁ।' ଦୁର୍ନୀତି ଅର୍ଥ ନୀତିଠାରୁ ଦୂର। ନ୍ୟାୟ ଓ ଧର୍ମର ବିରୋଧୀ ଅନ୍ୟାୟ ନୀତି, ଅସତ୍ ଆଚରଣ ବା ଅସତ୍ କର୍ମକୁ ଦୁର୍ନୀତି କୁହାଯାଏ।

ଜାତି, ଧର୍ମ, ବର୍ଣ୍ଣ, ବିଦ୍ୟା ଓ ସଭ୍ୟତା ନିର୍ବିଶେଷରେ ଉପର ଠାରୁ ତଳ ପର୍ଯ୍ୟନ୍ତ ଏହି ଦୁର୍ନୀତିର ଚେର ବ୍ୟାପିଯାଇଛି ଓ ସମାଜକୁ ପଙ୍ଗୁ କରିଦେଇଛି। ନୀତି ବିହୀନ ମନୁଷ୍ୟ ପଶୁ ସହିତ ସମାନ। ଏହି ପାଶବିକ ପ୍ରବୃତ୍ତି ମଧ୍ୟରେ ମନୁଷ୍ୟର ଦୁର୍ବଳତା, କାମ, କ୍ରୋଧ, ମଦ, ଲୋଭ, ମାତ୍ସର୍ଯ୍ୟ ଓ ଅହଂକାର ଇତ୍ୟାଦି ଲୁଚି ରହିଛି। ତେଣୁ ଏହି ପ୍ରବୃତ୍ତି ବା ଭ୍ରଷ୍ଟାଚାରମୁକ୍ତ ସମାଜ ଗଠନ ପାଇଁ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜକୁ ଆହ୍ୱାନ ଦେଇ କହିଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକି ଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସମସ୍ତଙ୍କୁ ସତର୍କ କରି କହିଛନ୍ତି- ସବୁ ସମୟ ସ୍ମରଣ ରଖ, ସଜାଗ ରୁହ ସତର୍କତାର ସହିତ, କାହାର ଅକୃତଜ୍ଞତା, ବିଶ୍ୱାସଘାତକତା, ଚୌର୍ଯ୍ୟପ୍ରବୃତ୍ତି, ଦାୟିତ୍ୱହୀନତା ଓ ସେବା ବିମୁଖତାକୁ ପ୍ରଶୟ ଦିଅନାହିଁ। ଏହା ହେଉଛି ସତ୍ତା ସମ୍ବର୍ଦ୍ଧନାର ସର୍ବନାଶ ବିଷାକ୍ତ ପ୍ରବୃତ୍ତି। ଏହି ଦୁର୍ନୀତିରେ ବୁଡ଼ି ବୁଡ଼ି ମନୁଷ୍ୟ ସୁନୀତିକୁ ଭୁଲିଯାଇଛି। ବଦ୍ ଅଭ୍ୟାସରେ ରହି ସତ୍ ଅଭ୍ୟାସକୁ ଭୁଲି ଯାଇଛି, ଏହି ଦୁର୍ନୀତିକୁ ପ୍ରତିରୋଧ କରିବା ପାଇଁ ସଂଗ୍ରାମର ଆବଶ୍ୟକତା ରହିଛି। ଯେଉଁମାନେ ନିରୋଧ କରିବେ ସେମାନେ ହେବେ ବୀର ପୁରୁଷ। ପ୍ରରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଆବେଗପୂର୍ଣ୍ଣ ଭାବରେ କହିଛନ୍ତି - ଚୋରି କରନାହିଁ; ଚାହିଦାରେ ଘୃଷ୍ଟ ବୁଦ୍ଧିବୃତ୍ତି କାହାକୁ ମଧ୍ୟ ଉଦ୍‌ବୃତ୍ତ ନକରି ଅନ୍ୟାଯ୍ୟଭାବରେ, ଅଜ୍ଞାତସାରରେ ପରିପୂରିତ ହେବାକୁ ଚାହେଁ - ତାହା ହିଁ ଚୌର୍ଯ୍ୟ; ଚୌର୍ଯ୍ୟରେ ବୁଦ୍ଧିବୃତ୍ତି ଦିନୁ ଦିନ ଅନ୍ୟର କ୍ଷତିକରି ଅପକର୍ଷ ପ୍ରତି ଧାବିତ ହୁଏ ବୋଲି ଅର୍ଥାତ୍, କରିବା ଭିତର ଦେଇ ଯେପରି ଭାବରେ ଚାହିଦାକୁ ପୂରଣ କଲେ ବୋଧ ଓ ଜ୍ଞାନର ଉନ୍ମେଷରେ ତାହା ମିଳିଯାଏ - ତାହା ହିଁ ଚୌର୍ଯ୍ୟରେ ଆହତ ଓ ଅବସନ୍ନ ହୋଇ ଅଧର୍ମକୁ ଆଲିଙ୍ଗନ କରେ ବୋଲି ଏତେ ଘୃଣ୍ୟ, ଏତେ ପାପ, ଏତେ ହୀନତା - ତେଣୁ କୁହେ, ଏହି ଚୌର୍ଯ୍ୟ ବୁଦ୍ଧିକୁ ପ୍ରଶ୍ରୟ ଦେଇ ତୁମର ଓ ତୁମ ପାରିପାର୍ଶ୍ୱିକର ସର୍ବନାଶ କରନା, ସାବଧାନ ହୁଅ। ଏହି ପ୍ରସଙ୍ଗରେ ପୁନର୍ବାର ଯୁଗାବତାର କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥର ପ୍ରଥମ ପୃଷ୍ଠାରେ ଉଲ୍ଲେଖ କଲେ - ସର୍ବପ୍ରଥମ ଆମ୍ଭମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା। ତଡ, ଯେତେ ଶୀଘ୍ର ପାର ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଭେମ୍ପେୟାରକୁ (ବାଦୁଡ଼ି)। ସ୍ମରଣ କର ତୁମେ ସାହସୀ, ସ୍ମରଣ କର ତୁମେ ଶକ୍ତିର ତନ୍ମୟ, ସ୍ମରଣ କର ତୁମେ ପରମପିତାଙ୍କର ସନ୍ତାନ। ଏହି ଦୁର୍ନୀତି ବିରୋଧୀ ଆତ୍ମ ସଂଶୋଧନ ଇଚ୍ଛୁକ ବୀରମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କର ହୁକୁମ ପାଇଲେ ଆନନ୍ଦ, ତାଙ୍କର ଆଦରରେ ଆନନ୍ଦ, ଅନାଦରରେ ମଧ୍ୟ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ - ମୁଁ ନିଶ୍ଚୟ କରି କହୁଛି ତୁମର ଉନ୍ନୟନ ନିମିତ୍ତ ଆଉ ଭାବିବାକୁ ହେବନାହିଁ। ଆଜି ବିଶ୍ୱ ଦୁର୍ନୀତି ନିରୋଧ ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ ଦୁର୍ନୀତି ବିରୋଧରେ ଚେତନାକୁ ଜାଗ୍ରତ କରିବା ସହ ଏହାକୁ କାର୍ଯ୍ୟରେ କରି ଦେଖାଇଲେ ଏହି ଦିବସର ତାତ୍ପର୍ଯ୍ୟ ଗୁରୁତ୍ୱ ରଖନ୍ତା।

## ନିଲମ୍ବିତ ଏମବିକେଙ୍କୁ ପୁନଃନିଯୁକ୍ତି

ଧର୍ମଶାଳା (ପିଏନ୍): ଗତ ପଂଚାୟତ ନିର୍ବାଚନରେ ଶାସକ ଦଳର ଚାପରେ କାର୍ଯ୍ୟରୁ ନିଲମ୍ବିତ ହୋଇଥିବା ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଏମବିକେ ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରା ପୁନଃନିଯୁକ୍ତି ନିଷ୍ପତିକୁ ପଂଚାୟତବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ସୂଚନା ଅନୁଯାୟୀ ୨୦୨୨ ପଂଚାୟତ ନିର୍ବାଚନରେ ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଏମବିକେ ଝୁନୁବାଳା ଦାସ ନିର୍ବାଚନ ଅଚରଣବିଧି ଉଲଙ୍ଘନ ଅଭିଯୋଗ ଆଣି ଶାସକଦଳ ପକ୍ଷରୁ ଚାପ ପ୍ରୟୋଗ କରାଯାଇ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏହା ବିରୁଦ୍ଧରେ ଝୁନୁବାଳା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୫୧୩୮/୨୨ରେ ଏକ କେଶ କରି ଘଟଣାର ବିଚାର କରି ଝୁନୁବାଳାଙ୍କୁ ପୁନଃନିଯୁକ୍ତି ଦେବାକୁ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଜିଲ୍ଲାପାଳ ଚକ୍ରବର୍ତୀ ସିଂ ରାଠୋର ପତ୍ରସଂଖ୍ୟା ୫୬୭୨ ତା.୨୮/୧୧/୨୨ରେ ଝୁନୁବାଳାଙ୍କୁ ପୁନଃ ନିଯୁକ୍ତି ଦେବା ଲାଗି ବ୍ଲକକୁ ଜଣାଇଥିଲେ। ପୁନଃନିଯୁକ୍ତି ପାଇବା ପରେ କୁମାରୀ ପଂଚାୟତର ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ଝୁନୁବାଳାଙ୍କୁ ପଂଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆଣିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ପ୍ରତିଷ୍ଠା ଦିବସ



ଧର୍ମଶାଳା (ପିଏନ୍): ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ୨୫ତମ ପ୍ରତିଷ୍ଠା ଦିବସ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ଯୁଧିଷ୍ଠିର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ଶ୍ରୀଧର ମହାପାତ୍ର ଓ ଅଭିରାମ ନନ୍ଦ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ସଭ୍ୟ ବୀରକିଶୋର ଦାସ, ବୃନ୍ଦାବନ ଦାସ, ଶୁକଦେବ ପତିଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଷ୍ଠାତା ସଭ୍ୟ ସୁଦର୍ଶନ ଶତପଥୀଙ୍କୁ ମରଣୋତର ସମ୍ମାନ ତାଙ୍କ ପୁତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହି ସଭାରେ ସହସମ୍ପାଦକ ଆଦିକନ୍ଦ ସ୍ୱାଇଁ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ବିବେକାନନ୍ଦ ନାୟକ ସ୍ୱାଗତ ଜଣାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ଫେବୃଆରୀ ୫ ତାରିଖରେ ସଙ୍ଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାପାଇଁ ସ୍ଥିର କରାଯାଇଥିଲା। ଏହି ଉତ୍ସବରେ ଯାଜପୁର ସାଂସଦ ଓ ସ୍ଥାନୀୟ ବିଧାୟକ ଯୋଗଦେବା ପାଇଁ ସ୍ଥିର କରାଯାଇଛି। ଶେଷରେ ବ୍ରଜ କିଶୋର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଫେସର ଗଗନେନ୍ଦ୍ର ଦାଶଙ୍କ ବିୟୋଗରେ ଶୋକସଭା

ଧର୍ମଶାଳା (ପିଏନ୍): ପ୍ରଖ୍ୟାତ ଭାଷାତତ୍ୱବିତ ଓ ସମାଲୋଚକ ପ୍ରଫେସର ଗଗନେନ୍ଦ୍ର ନାଥଦାଶଙ୍କ ବିୟୋଗରେ ଏକ ଶୋକସଭା ଗୋକର୍ଣ୍ଣିକା ସାହିତ୍ୟ ସମାଜ ଅନୁକୁଲ୍ୟରେ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରମାକାନ୍ତ ଜେନା ଏଥିରେ ସଭାପତିତ୍ୱ କରିଥିଲେ। କିଶ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ. ବିଜୟ କୁମାର ଶତପଥୀ, ଭଦ୍ରକ କଲେଜ ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ସେଠୀ, ମଧୁପୁର କଲେଜ ଅଧ୍ୟାପକ ଡ. ତୁହିନାଂଶୁ ରଥ ଓ ପ୍ରାକ୍ତନ ସାଧାରଣ ସମ୍ପାଦକ ବଟକୃଷ୍ଣ ପରିଡା ଯୋଗଦେଇ ପ୍ରଫେସର ଦାଶଙ୍କ ବିୟୋଗରେ ଓଡିଆ ସମାଲୋଚନା ସାହିତ୍ୟର ଅପୂରଣୀୟ କ୍ଷତି ଘଟିଲା ବୋଲି ମତପ୍ରକାଶ କରି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମବରଦା କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢୀ, ମହିଳା କଲେଜ ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ, ପଣ୍ଡିତ ବ୍ରଜକିଶୋର ଦାସ, ଆଇନଜୀବୀ ସନ୍ତୋଷ କୁମାର ତରାଇ, ନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନା ଓ କୈବଲ୍ୟ ଜ୍ୟୋତି ସମ୍ମାନ ପ୍ରଦାନ



କଟକ (ପିଏନ୍): କୈବଲ୍ୟ ସାହିତ୍ୟ ସଂସଦ ତରଫରୁ ଜଗତ କଲ୍ୟାଣ ମହାଯଜ୍ଞ, କୈବଲ୍ୟ ଜ୍ୟୋତି ସମ୍ମାନ ଏବଂ ଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନା ଚକ୍ର ଧବଳେଶ୍ୱର ସାରସ୍ୱତ ଆଶ୍ରମ, ଡଙ୍ଗା ଘାଟ ବିଡ଼ାନାସୀଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅବସରରେ ଧବଳେଶ୍ୱର ସାରସ୍ୱତ ଆଶ୍ରମର ସଭାପତି ମାନସ ଚୈତନ୍ୟ ସ୍ୱାଗତ ଭାଷଣ ପ୍ରଦାନ କରି ଜଗତ କଲ୍ୟାଣ ଯଜ୍ଞର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱାମୀ ମାଧବ ଚୈତନ୍ୟ ମହାରାଜ ମାନବ କଲ୍ୟାଣ ସମସ୍ତଙ୍କର ଦାୟିତ୍ୱ ବୋଲି ଅତି ସରଳ ଭାବରେ ବ୍ୟାଖ୍ୟା କରିଥିଲେ। ମୁଖ୍ୟ ବକ୍ତାଭାବେ ଡକ୍ଟର ହରିହର କାନୁନଗୋ ମାନବିକ ମୂଲ୍ୟବୋଧ ଜଗନ୍ନାଥ ସଂସ୍କୃତିର ମୂଳ ମନ୍ତ୍ର ବୋଲି ଅଭିହିତ କରିଥିଲେ। ଜଗନ୍ନାଥ ପ୍ରଚାରକ ଲିଙ୍ଗରାଜ ପତି ଜଗନ୍ନାଥ ସଂସ୍କୃତି ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ। ବୈଦ୍ୟନାଥ ପଣ୍ଡା ଜଗନ୍ନାଥ ବ୍ରହ୍ମାଣ୍ଡର ଜୀବନ୍ତ ଠାକୁର ବୋଲି ତାତ୍ତ୍ୱିକ ଭାବରେ ବର୍ଣ୍ଣନା କରିଥିଲେ। ପୃଷ୍ଠଭୂମିର ସମ୍ପାଦକ କୈଳାସ ଚନ୍ଦ୍ର ଜେନା ଜଗନ୍ନାଥ ଭାବର ଠାକୁର ବୋଲି ମତବ୍ୟକ୍ତ ରଖିଥିଲେ। ସ୍ୱାମୀ ଅଭେଦାନନ୍ଦ ସରସ୍ୱତୀ, ପଣ୍ଡିତ ନୀଳକଣ୍ଠ ରାଉତ, ଗୀତା ଚଇନି, ବିଶ୍ୱଜିତ ସୂର୍ଯ୍ୟବଂଶୀ ସଭାପତି ମହାତ୍ମା ବିଚାର ମଂଚ, କବି ତୋଫାନ ଜେନା, ଅଜୟ କୁମାର ପଣ୍ଡା, ଜଗନ୍ନାଥ ପ୍ରଚାରକ ଶୁଭେନ୍ଦ୍ର ସ୍ୱାଇଁ ବିଶିଷ୍ଟ ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ଅବସରରେ ଡକ୍ଟର ହରିହର କାନୁନଗୋ (ଜଗନ୍ନାଥ ଗବେଷକ), ପଣ୍ଡିତ ଦିବାକର ମିଶ୍ର (ଜଗନ୍ନାଥ ପ୍ରଚାରକ), ଡକ୍ଟର ଲକ୍ଷ୍ମଣ ସାହୁ (ସାହିତ୍ୟିକ), ଡକ୍ଟର ସୁନାମଣି ରାଉତ (ଶିଶୁ ସାହିତ୍ୟିକ), ପଣ୍ଡିତ ପ୍ରଦୀପ୍ତ ମହାପାତ୍ର (ଜଗନ୍ନାଥ ପ୍ରଚାରକ), ଶ୍ରୀ ଶ୍ରୀ ମାନସ ଚୈତନ୍ୟ ମହାରାଜ (ଜଗନ୍ନାଥ ପ୍ରଚାରକ), ହରିଦ୍ୱାର ଆଶ୍ରମର ଗୀତାଞ୍ଜଳି ମହାପାତ୍ର (ଜଗନ୍ନାଥ ଓ ସନାତନଧର୍ମ ପ୍ରଚାରକ) ଏବଂ ସମାଜ ସେବୀ ଅଭିମନ୍ୟୁ ଦାସଙ୍କୁ କୈବଲ୍ୟ ଜ୍ୟୋତି ସମ୍ମାନ-୨୦୨୨ ସାହିତ୍ୟ, ସମାଜ ସେବା ଏବଂ ଜଗନ୍ନାଥ ସଂସ୍କୃତି ଗବେଷକ ଏବଂ ପ୍ରଚାରକ ପାଇଁ ପ୍ରଦାନ କରାଯାଇଥିଲା। ଏହି ଜଗତ କଲ୍ୟାଣ ମହାଯଜ୍ଞ କାର୍ଯ୍ୟକ୍ରମରେ ସାହି ବସ୍ତିର ବୁଦ୍ଧିଜୀବୀ, ଅଧିବାସୀ, ସାଧୁ ସନ୍ଥ ବହୁ ମାତ୍ରାରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଗର କୁମାର ସାମନ୍ତରାୟ, ଚିତ୍ତ ରଞ୍ଜନ ମହାନ୍ତି, ସୁକୁମାର ସାମଲ, ନମିତା ମହାନ୍ତି, ସଞ୍ଜୟ କୁମାର ମହାରଣା ଅନୁଷ୍ଠାନ ତରଫରୁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉକ୍ତ ଅବସରରେ ଡଃ ନୃସିଂହନନ୍ଦ ମହାପାତ୍ରଙ୍କ ରଚିତ ଆଧ୍ୟାତ୍ମିକ ପୁସ୍ତକ ଦିଗବିଜୟୀ ଆଚାର୍ଯ୍ୟ ଶଙ୍କରଙ୍କ ଯାତ୍ରା ଶୁଭ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଯୁବ ଆଧ୍ୟାତ୍ମିକ ସମାଜ ସେବକ ଓ ସ୍ତମ୍ଭକାର ଡ.ସଂଗ୍ରାମ କେଶରୀ ସାମନ୍ତରାୟ ସଂପାଦକୀୟ ବିବରଣୀ ପାଠ ପୂର୍ବକ ପାଠ ଧନ୍ୟବାଦ ଅର୍ପଣ କରି ବର୍ତ୍ତମାନର ଯୁବପିଢ଼ି ଆଧ୍ୟାତ୍ମିକ ସମାଜ ସେବାକୁ ଗୁରୁତ୍ୱ ଦେବାକୁ ସମବେତ ଆହ୍ୱାନ ପ୍ରଦାନ କରିଥିଲେ।

# ଦୁର୍ଗା ଦେବୀ ଥିଲେ ନାରୀ ଜାତିର ଆଦର୍ଶ ଓ ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ



ଭୁବନେଶ୍ୱର (ପିଏନ୍): ବାଙ୍କୀ ପଥୁରୀପଡ଼ାର ପରଲୋକଗତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଧର୍ମପତ୍ନୀ ତଥା କଟକ ଜିଲ୍ଲା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି କବି ଓ ପ୍ରତିଭାଦୀପ୍ତ ସୁନୀଲ ମିଶ୍ରଙ୍କ ମାତା ଦୁର୍ଗା ଦେବୀଙ୍କ ଦଶାହ ଉପଲକ୍ଷେ ଏକ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ନିଜସ୍ୱ ଗ୍ରାମରେ ଅନୁଷ୍ଠିତ ହେଇଯାଇଛି। ଓଡ଼ିଶା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଦ୍ୱାରା ଆୟୋଜିତ ଉକ୍ତ ସ୍ମୃତିଚାରଣ ସଭାରେ ଓଡ଼ିଶାର ବାଲେଶ୍ୱର, ଯାଜପୁର ରୋଡ଼, କଟକ, ବ୍ରହ୍ମପୁର, ବ୍ରହ୍ମଗିରି, ଖୋର୍ଦ୍ଧା, ପୁରୀ, ବାଙ୍କୀ, ପୁରୀ, ବରଗଡ଼, ସମ୍ବଲପୁର ଆଦି ବିଭିନ୍ନ ଅଞ୍ଚଳରୁ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓଡ଼ିଶା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଦ୍ୱାରା ଆୟୋଜିତ ଉକ୍ତ ସଭାରେ ପ୍ରଥମେ ପୁଣ୍ୟଆତ୍ମାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ଧୂପ ଦାନ, ନୀରବ ପ୍ରାର୍ଥନା, ଓଡ଼ିଶାର ବିଶିଷ୍ଟ ପ୍ରବଚକ ପଣ୍ଡିତ ମୃତ୍ୟୁଞ୍ଜୟ ଶତପଥୀଙ୍କ ଦ୍ୱାରା ବେଦ ପାଠ କରାଯାଇ ସ୍ମରଣିକା (ପୂଜନୀୟା ଦୁର୍ଗାଦେବୀ)କୁ ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ ବରେଣ୍ୟ ଅତିଥି ଭାବେ, ବାଙ୍କୀର ପ୍ରାକ୍ତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଓ ଉତ୍କଳ ନ୍ୟାସୀ ମଣ୍ଡଳର ସଭାପତି ସୀତାବଲ୍ଲଭ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉନ୍ମୋଚନ କରିବା ସହିତ ଦୁର୍ଗା ଦେବୀ ସମସ୍ତ ମାତୃଶକ୍ତି, ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ ପୂଜ୍ୟପୂଜା ହେଉଛି ପାତାଳଭେଦୀ ସଂସ୍କୃତି ବୋଲି ଅନ୍ୟ ଅତିଥି ସମୂହ ସ୍ମୃତିଚାରଣ ଅବସରରେ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଆଇନଜୀବୀ ଦିଗମ୍ବର ବେହେରା, ଆଲୋକ କୁମାର ପ୍ରଧାନ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ସୁରେଶ୍ୱର ବେହେରା, ବ୍ରଜବନ୍ଧୁ ଦାସ, କାମଦେବ ମହାପାତ୍ର, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କାହ୍ନୁ ସିଂହ, ସରପଞ୍ଚ ସୁରଞ୍ଜନ ପଣ୍ଡା, ପ୍ରଦ୍ୟୁମ୍ନ ସୁବୁଦ୍ଧି, ଅଶୋକ କୁମାର ମିଶ୍ର, ଧନେଶ୍ୱର ବଳିଆରସିଂହ, ପ୍ରାଧ୍ୟାପକ ମନୋଜ ମହାପାତ୍ର, ଗୋବିନ୍ଦ ତ୍ରିପାଠୀ, ଗୀତିକାର ଯୁଧିଷ୍ଠିର ଖୁଣ୍ଟିଆ, ସଦାଶିବ ଦାସ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଦାଧର ତ୍ରିପାଠୀ, କବି କୌଶିକ ନାୟକ, ଅଂଶୁପା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ବେଉରା, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବାଙ୍କୀ ଏନ୍.ଏ.ସି. ଉପାଧ୍ୟକ୍ଷ ସନ୍ତୋଷ ରଣା, କାଉନ୍‌ସିଲର ସନାତନ ବେହେରା, ବିଜୁ ଜନତା ଦଳ ସଭାପତି ଅନନ୍ତ ଦାସ, ଆଇନଜୀବୀ ଜିତେନ କୁମାର ରଥ, ରଣଜିତ୍ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟ ଆଶିଷ ସାହୁ ଓ ସଞ୍ଜୟ ପାତ୍ର, ସାମ୍ବାଦିକ ଦେବାଶିଷ ରାଉତ, ଅରବିନ୍ଦ ହରିଚନ୍ଦନ, ଯୁଧିଷ୍ଠିର କୁଣ୍ଡୁ, ବିଭୁ ସାମଲ, ଆଶିଷ ମହାପାତ୍ର, ପ୍ରତାପ ନାୟକ, ରଞ୍ଜିତ ସେଠ୍ ତଥା ଗ୍ରାମବାସୀ ସାହିତ୍ୟିକ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ। ସୀତାବଲ୍ଲଭ ମହାପାତ୍ର ତାଙ୍କ ଭାଷଣରେ କହିଥିଲେ ଏହି ଦିବଙ୍ଗତ ମହିଳାଙ୍କୁ ଯଶସ୍ୱୀ ମାତା, ଯଶସ୍ୱୀ ପତ୍ନୀ ରୂପେ ବର୍ଣ୍ଣନା କରିଥିଲେ। ପ୍ରକାଶ ଥାଉକି, ଏହି ମହୀୟସୀ ମହିଳାଙ୍କ ଗତ ନଭେମ୍ବର ୧୯ ତାରିଖରେ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସଂଗଠନର ସଂଯୋଜକ ବାପୁ ଓଝା ଧନ୍ୟବାଦ ପ୍ରଦାନ କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ବଳଦେବ ପାଞ୍ଜି ପ୍ରକାଶନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା (ପିଏନ୍): ତୁଳସୀକ୍ଷେତ୍ର କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀୟୁଙ୍କ ଯାତ୍ରୀ ନିବାସରେ ବଳଦେବଜୀୟୁ ପାଞ୍ଜି ପ୍ରକାଶନ କମିଟିର ଏକ ପ୍ରସ୍ତୁତି ବୈଠକ ଇଣ୍ଟରନେସନାଲ ଏକାଡେମୀ ଅଫ୍ ଇଣ୍ଡିଆନ୍ ଷ୍ଟଡିଜ୍, ଓଡିଶାର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶଙ୍କ ଆବାହକତ୍ୱରେ ଏବଂ ପଣ୍ଡିତ ସର୍ବେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜୀୟୁଙ୍କ ପାଞ୍ଜି ପ୍ରକାଶନ ପାଇଁ ବୈଠକରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଶ୍ରୀଜୀୟୁଙ୍କ ଦେବୋତ୍ତର ନ୍ୟାସର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ବଡପଣ୍ଡା ମାଧବ ପତ୍ରୀ, ରାଜ୍ୟସଭା ଯୁଗ୍ମ ସଚିବ ଚୌଧୁରୀ ରମାକାନ୍ତ ଦାସ, ଗବେଷକ ନିରଞ୍ଜନ ମେକାପ, ପ୍ରାବନ୍ଧିକ ଡଃ. ସର୍ବେସ୍ୱର ସେଣ, ପଣ୍ଡିତ ଭ୍ରମରବର ନନ୍ଦ, ଶ୍ରମିକ ନେତା ବସନ୍ତ କୁମାର ଦାଶ, ଭରତ ଚରଣ ଦାସ, ପୀତାମ୍ବର ମହାନ୍ତି, ହେମନ୍ତ ଜେନା ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ଓଡିଆ ନବବର୍ଷରୁ ଶ୍ରୀବଳଦେବଜୀୟୁଙ୍କ ପାଞ୍ଜି ପ୍ରକାଶନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିପାଇଁ ଶ୍ରୀଜୀୟୁଙ୍କ ବଡପଣ୍ଡା ମାଧବ ପତ୍ରୀଙ୍କ ଅଧ୍ୟକ୍ଷତାରେ ସେବକ କମିଟି, ପଣ୍ଡିତ ଭ୍ରମରବର ନନ୍ଦଙ୍କ ଅଧ୍ୟକ୍ଷତାରେ ବୈଷୟିକ ଜ୍ୟୋତିର୍ବିଦ କମିଟି ଏବଂ ଡକ୍ଟର ସର୍ବେଶ୍ୱର ସେଣଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରସାର କମିଟିରେ ଗବେଷକ ନିରଞ୍ଜନ ମେକାପ ଏବଂ ରାଜଶ୍ରୀର ସମ୍ପାଦକ ହେମନ୍ତ ଜେନାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇ ସେମାନଙ୍କ ଉପରେ ଦାୟୀତ୍ୱ ନ୍ୟସ୍ତ କରାଯାଇଥିଲା। ଶେଷରେ ଶ୍ରୀ ମେକାପ ଧନ୍ୟବାଦ ଅର୍ପଣ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email maharishipublicschool@yahoo.com
Web www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email maharishipublicschool@yahoo.com
Web www.maharishipublicschool.com

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Saturday June 08, 2024 ଭୁବନେଶ୍ୱର ଶନିବାର, ଜୁନ ୦୮,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ଏଏମଏନଏସ ଇଣ୍ଡିଆ ପକ୍ଷରୁ ଆର୍ଟ ଅଫ ଲିଭିଙ୍ଗ ଯୋଗ କର୍ମଶାଳା ଆୟୋଜିତ

ପାରାଦ୍ୱୀପ,(ପି.ଏନ): ଆର୍ସେଲର ମିତ୍ତଲ ଆଣ୍ଡ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମଏନଏସ ଇଣ୍ଡିଆ) ପାରାଦ୍ୱୀପ ଶାଖା ପକ୍ଷରୁ ସେମାନଙ୍କ କର୍ମଚାରୀ ଓ ପରିବାର ପାଇଁ ଆର୍ଟ ଅଫ ଲିଭିଙ୍ଗ ର ଏକ ଯୋଗ କର୍ମଶାଳା ଆୟୋଜିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟ ଗ୍ରୀଷ୍ମ ଶିବିର ରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ 'ଉତ୍କର୍ଷ ଯୋଗ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ କମ୍ପାନୀ ବରିଷ୍ଠ ଅଧିକାରୀ ସୁନୀଲ ଦାସ, ଲେଡିଜ କ୍ଲବ ର ସଭାନେତ୍ରୀ ଶ୍ରୀଦେବୀ ସୁରେଶା ଓ ଉପସଭାନେତ୍ରୀ ପ୍ରଣତି ୟୁଏସଆର ରାଜୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ କୁ ଏଏମଏନଏସ ପାରାଦ୍ୱୀପ ଶାଖାର ଏଚ୍ଆର ଶ୍ରୀମତୀ ସୁପ୍ରିୟା ସ୍ୱାଇଁ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭିଭିକେଆର ବେଙ୍ଗାଲୁରୁ ସିଏସଆର ସଂଯୋଜକ ଦେବଜ୍ୟୋତି, ଟିଏଓଏଲ ର ବରିଷ୍ଠ ପ୍ରଶିକ୍ଷକ ଦିଲୀପ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କୁ ଆର୍ଟ ଅଫ ଲିଭିଙ୍ଗ ର ସୁନାମଧନ୍ୟ ଯୋଗ ପ୍ରଶିକ୍ଷକ ତାପସ ରଞ୍ଜନ ପତି ସଫଳତାର ସହ ପରିଚାଳନା କରିଥିଲେ । ଏହି କର୍ମଶାଳା ମେ ୨୮ ରୁ ଆରମ୍ଭ ହୋଇ ଜୁନ ମାସ ୧ ତାରିଖରେ ଉଦଯାପିତ ହୋଇଥିଲା । ଉଦଯାପନୀ ଦିବସରେ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି.ସୁରେଶା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରି ଛାତ୍ରଛାତ୍ରୀ, ଅଭିଭାବକ ଓ ଆୟୋଜକ ଙ୍କୁ ଉତ୍ସାହିତ କରିବା ସହ ଯୋଗ ଅଭ୍ୟାସ ର ଉପକାରିତା ଉପରେ ଆଲୋକପାତ କରିଥିଲେ ।



## କଙ୍କଡ଼ାଗୁଡ଼ା ଶବର ସମାଜର ସମ୍ମିଳନୀ

ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଜିଲ୍ଲାର ନୂଆଗଡ଼ ବ୍ଲକ ପୁଟୁରୁପଡ଼ା ପଞ୍ଚାୟତ ତୁମନ ଗ୍ରାମରେ କଙ୍କଡାଗୁଡ଼ା କେନ୍ଦ୍ର କାର୍ଯ୍ୟାଳୟ ପକ୍ଷରୁ ଅଷ୍ଟମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶବର ସମାଜ କଲ୍ୟାଣ ସମିତି କେନ୍ଦ୍ର ସଭାପତି ମାଧବ ମଣ୍ଡଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାମ୍ପୁରା ରଇତ ମୁଖ୍ୟ ଅତିଥି, ଲିଙ୍ଗରାଜ କାର୍ଜି ମୁଖ୍ୟବକ୍ତା, ସର୍ବୋଚ୍ଚ ସଭାପତି ଦଳପତି ମଣ୍ଡଳ, ସମ୍ପାଦକ କୃଷ୍ଣଚନ୍ଦ୍ର ଗମାଙ୍ଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶବର ସମାଜ ପାଇଁ ହିନ୍ଦୁ ସଂସ୍କୃତି ଓ ପରମ୍ପରା ବଞ୍ଚି ରହିଛି ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ ।

CSB Bank
Trusted Heritage Smart Future

PUBLIC NOTICE ON AUCTION OF PLEDGED GOLD ORNAMENTS

The borrower/s in specific and interested bidders, in general, are hereby informed that on account of non-repayment of the Bank's dues by the borrowers as under despite the payment notice and recall/auction notice issued by the Bank, the gold ornaments pledged with the bank as security by the respective borrowers for the loans availed by them will be sold in public auction on "as is where is" and "non-recourse" basis through e-auction portal https://gold.samil.in on 19th June 2024 at 10.30 AM. The auction may be adjourned to any other later date at the discretion of the bank upon publication of the same in the Bank's notice board. The borrowers are hereby further informed that the gold ornaments will be disposed of by private sale if the public auction is not successful and if there is a further balance to be recovered thereafter, legal action will be initiated against the borrower/s for recovery of the balance amounts due to the bank.

| Sl.No. | Branch Name | Account Name | Client ID | No. of Ac. | Bal. Outstanding as on 05-06-2024 | Weight (grams) |
|---|---|---|---|---|---|---|
| 1 | BHUBANESWAR | RAMESWAR ROUTRAY | 516995 | 1 | 787579.05 | 280 |
| 2 | BHUBANESWAR | AKSHAYA KUMAR | 2671456 | 1 | 152123.95 | 32 |
| 3 | BHUBANESWAR | SANJEEB KUMAR JENA | 3060901 | 1 | 324239.46 | 94.28 |
| 4 | BHUBANESWAR | PRAMODA KUMAR PANDA | 3313515 | 1 | 17388.48 | 5 |
| 5 | BHUBANESWAR | TAPAN KUMAR PATSAHANI | 3688313 | 1 | 475943.76 | 113.9 |
| 6 | BHUBANESWAR | CHIKU SWAIN | 7158446 | 1 | 155813.5 | 44 |
| 7 | BHUBANESWAR | TAPAN KUMAR MOHANTY | 7279120 | 1 | 124811.7 | 36 |
| 8 | BHUBANESWAR | MADHUSMITA SENAPATI | 7832708 | 1 | 361571.9 | 88.8 |

For more details/account wise information borrowers/interested bidders may contact respective branches and for participating in the auction, please visit/login to the e-auction portal https://gold.samil.in

Authorised Officer
CSB Bank

ORISSA | 08June 2024

## ସରକାର ବଦଳିଲେ : ଗଜପତିରେ ଲକ୍ଷ୍ମୀ ବସରୁ ଲୋଗୋ ହଟିଲା

ପାରଳାଖେମୁଣ୍ଡି, (ତାରିଣୀ ପ୍ରସାଦ ପଣ୍ଡା)(ପି.ଏନ): ଓଡ଼ିଶାରେ ନବୀନ ସରକାର ବଦଳିଲେ. ନୂତନ ଭାବେ ରାଜ୍ୟରେ ବିଜେପି ସରକାର ଗଠନ ହେବାକୁ ଯାଉଛି. ହେଲେ ନୂତନ ସରକାର ଶପଥ ଗ୍ରହଣ ହେବା ପୂର୍ବରୁ ଗତ ନବୀନ ସରକାରଙ୍କ ଗଜପତି ଜିଲ୍ଲାରେ ଚଳାଚଳ କରୁଥିବା ଲକ୍ଷ୍ମୀ ବସରୁ ଲୋଗୋ ଓ ଯୋଡି ଶଙ୍ଖ ହଟିଥିବା ଦେଖାଦେଇଛି. ଏଠାରେ ସୂଚନାଯୋଗ୍ୟଯେ, ଗ୍ରାମାଞ୍ଚଳରୁ ସହରକୁ ପରିବହନ ସୁବିଧା ଦେବା ନିମନ୍ତେ ନବୀନ ସରକାର କମ ମୂଲ୍ୟରେ ଲକ୍ଷ୍ମୀ ବସ୍ ଚଳାଚଳ ଆରମ୍ଭ କରିଥିଲେ । ବସ୍ ଓଡ଼ିଶା ରାଜ୍ୟ ପରିବହନ ନିଗମ ପକ୍ଷରୁ ପରିଚାଳିତ ହେଉଥିବା ବେଳେ ବସର ଦୁଇ ପାଖରେ ଲକ୍ଷ୍ମୀ ବସଲେଖା ଏବଂ ଦୁଇଟି ନର୍ତ୍ତକୀଶଙ୍ଖ ଫୁଙ୍କୁଥିବା ଷ୍ଟିକର ଲାଗିଥିଲା । ନିର୍ବାଚନ ତାରିଖ ଘୋଷଣା ସହ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ଶଙ୍ଖ ଷ୍ଟିକର ଉପରେ ମାଟିଆ ରଙ୍ଗର ସେଲୋ ଟେପ ଲଗାଯାଇଥିଲା । ହେଲେ ଗତକାଲି ଠାରୁ ହଠାତ ଲକ୍ଷ୍ମୀ ବସ ଲେଖା ଯାଇଥିବା ଷ୍ଟିକର ସହ ଶଙ୍ଖ ଆଉ ଦେଖାଯାଉନାହିଁ । ସମ୍ପୂର୍ଣ ଧଳା ରହିଛି । ଷ୍ଟିକର କିଏ କାଢ଼ିଲା ଏବଂ କାହା ନିର୍ଦ୍ଦେଶରେ କଢ଼ାଗଲା ସେ ନେଇ କୌଣସି ସୂଚନା ମିଳିନାହିଁ । ବସ କର୍ମଚାରୀ କିଛି ଜାଣି ନାହାନ୍ତି । ବୋଲି କହିଛନ୍ତ । କାରଣ ବସ ନିଜ ରୁଟ ସାରି ଫେରି ସ୍ଥାନୀୟ ଆରଏମସି କାର୍ଯ୍ୟାଳୟ ପରିସରରେ ବସକୁ ରଖି ନିଜ ନିଜ ଘରକୁ ଯାଇଥାନ୍ତି । ଆଗକୁ ବିଜେପି ସରକାର ଶପଥ ନେବା ପରେ ଏହି ବସ୍ ଚଳାଚଳରେ ଆଉ କଣ ପରିବର୍ତ୍ତନ ହେବ ସେ ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି ।



## ଜାପାନରେ ହେବାକୁ ଥିବା ୨୦୨୪ ଏଫ୍ଆଇଏମ୍ ଏସିଆ ରୋଡ୍ ରେସିଂ ଚମ୍ପିଆନ୍ସିପ୍ର ତୃତୀୟ ପର୍ଯ୍ୟାୟ ପାଇଁ ହୋଣ୍ଡା ରେସିଂ ଇଣ୍ଡିଆ ଚାଳକ ପ୍ରସ୍ତୁତ

ଭୁବନେଶ୍ୱର,(ପି.ଏନ): ଚଳିତ ସପ୍ତାହରେ ଜାପାନର ମୋବିଲିଟି ରିସୋର୍ଟ ମୋଟେଗିଠାରେ ଅନୁଷ୍ଠିତ ହେବାକୁ ଥିବା ୨୦୨୪ ଏସିଆ ରୋଡ୍ ରେସିଂ ଚମ୍ପିଆନ୍ସିପ୍ର ତୃତୀୟ ପର୍ଯ୍ୟାୟ ପାଇଁ ହୋଣ୍ଡା ମୋଟରସାଇକଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସଆଇ)ର ଆଇଡେମିସୁ ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍ ପ୍ରସ୍ତୁତ ରହିଛି । ଚାମ୍ପିଆନ୍ସିପ୍ର ଏସିଆ ପ୍ରଡକ୍ସନ୍ ୨୫୦ ସିସି ବର୍ଗରେ ପୂର୍ବ ରାଉଣ୍ଡରେ ଚମତ୍କାର ପ୍ରଦର୍ଶନ ପରେ ଭାରତୀୟ ଦୁଇଚକିଆ ରେସିଂ ଟିମ୍ ୧୦ ପଏଂଟ୍ ସହ ଆଗାମୀ ରାଉଣ୍ଡରେ ପ୍ରବେଶ କରିଛି । ଚାଇନାର ଝୁହାଇ ଇଂଟରନ୍ୟାସନାଲ ସର୍କିଟରେ ରାଉଣ୍ଡ-୨ରେ ଏପି-୨୫୦ ଶ୍ରେଣୀର ରେସ୍-୧ରେ ଚେନ୍ନାଇର ପ୍ରତିଭାବାନ ଯୁବ ଖେଳାଳି କେଭିନ୍ କ୍ୱିଂଟାଲ ପ୍ରଶଂସନୀୟ ସ୍ଥାନ ହାସଲ କରି ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ୫ ପଏଂଟ୍ ହାସଲ କରିଛନ୍ତି । ରେସ୍ରେ ଉଲ୍ଲେଖନୀୟ ନିରନ୍ତରତା ଏବଂ ଚତୁରତା ପ୍ରଦର୍ଶନ କରି କେଭିନ ଚଳିତ ଋତୁରେ ଆଉ ଏକ ଚମତ୍କାର ଶ୍ରେଷ୍ଠ ୧୫ ସ୍ଥାନ ହାସଲ କରିଛନ୍ତି । ସେପଟେ ତାଙ୍କ ସାଥୀ ଖେଳାଳି ମଲାପୁରମର ଯୁବ ଚାଳକ ମୋହସିନ ପି ଚୀନ୍ର ରେସ୍ ଟ୍ରାକ ରେ ନିଜର ସମ୍ପୂର୍ଣ୍ଣ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଖରାପ ପାଗ ଯୋଗୁଁ ରେସ୍-୨କୁ ବାତିଲ କରାଯାଇଥିଲା । କେଭିନ୍ କ୍ୱିଂଟାଲ କହିଛନ୍ତି ଯେ, 'ଶେଷ ରେସ୍ କଠିନ ଥିଲା, କିନ୍ତୁ ମୁଁ ଶ୍ରେଷ୍ଠ ୧୫ରେ ରହି ଦଳକୁ ପଏଂଟ୍ ଯୋଗଦାନ କରିଥିବାରୁ ଖୁସି । ମୁଁ ଜାପାନରେ ଆଗାମୀ ଚ୍ୟାଲେଞ୍ଜକୁ ଉତ୍ସୁକତାର ସହ ଅପେକ୍ଷା କରିଛି । ସୁଜୁକା ସର୍କିଟ୍ ମୋ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ରଖିଛି ଏବଂ ମୁଁ ନିଶ୍ଚିତ ଯେ ଆମେ ସେଠାରେ ଉନ୍ନତ ଫଳାଫଳ ହାସଲ କରିପାରିବୁ । ଆମର କଠୋର ପ୍ରଶିକ୍ଷଣ ଏବଂ ଅତୀତର ରେସ୍ରୁ ଶିଖିଥିବା ଶିକ୍ଷା ଆମକୁ ଅନ୍ତର୍ଜାତୀୟ ମାଟିରେ ଉନ୍ନତ ପ୍ରଦର୍ଶନ କରିବା ଦିଗରେ ମାର୍ଗଦର୍ଶନ କରିବ ।' ମୋହସିନ ପରମବନ କହିଛନ୍ତି ଯେ, 'ଏଆରଆରସିର ଦ୍ୱିତୀୟ ରାଉଣ୍ଡରେ ଚୀନରେ ୨୦ତମ ସ୍ଥାନରେ ରହିବା ମୋର ଲକ୍ଷ୍ୟ ନଥିଲା, କିନ୍ତୁ ମୁଁ ସ୍ୱୀକାର କରୁଛି ଯେ ପ୍ରତ୍ୟେକ ରେସ୍ ଶିଖିବାର ଅନୁଭୂତି ଭାବରେ କାମ କରେ । ମୋର ଲକ୍ଷ୍ୟ ଏବେ ତୃତୀୟ ରାଉଣ୍ଡରେ ମୋ ପ୍ରଦର୍ଶନକୁ ବଢ଼ାଇବା ଏବଂ ଦଳର ପଏଂଟ୍ ତାଲିକାରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ଉପରେ ରହିଛି ।'

## ଗଜପତିରେ କିନ୍ନର ପାଳିଲେ ସାବିତ୍ରୀ ବ୍ରତ

ପାରଳାଖେମୁଣ୍ଡି,(ତାରିଣୀ ପ୍ରସାଦ ପଣ୍ଡା),(ପି.ଏନ): ଗଜପତିରେ କିନ୍ନରମାନେ ପବିତ୍ର ସାବିତ୍ରୀ ବ୍ରତ ପାଳନ କରିଥିବା ଦେଖାଦେଇଛି. ସାଧାରଣତଃ ଏହି ଦିନରେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସ୍ତ୍ରୀ ମାନେ ଏହି ବ୍ରତ ପାଳନ କରିଥାନ୍ତି । ତେବେ ସାଧାରଣ ମହିଳାଙ୍କ ଭଳି ଆଜି କିନ୍ନର ସମ୍ପ୍ରଦାୟ ସାବିତ୍ରୀ ବ୍ରତ ପାଳନ କରିଛନ୍ତି । କିନ୍ନର ସମ୍ପ୍ରଦାୟ ନିଜର ଗୁରୁଙ୍କୁ ନିଜର ସ୍ୱାମୀ ଭାବେ ଗ୍ରହଣ କରି ବ୍ରତ କରିଛନ୍ତି । ଏହି କ୍ରମରେ ପାରଳାଖେମୁଣ୍ଡିରେ କିନ୍ନର ସମ୍ପ୍ରଦାୟ ସାଧାରଣ ମହିଳା ମାନଙ୍କ ପରି ନୂତନ ପୋଷାକ ପରିଧାନ କରିବା ସହ ସଜେଇ ହୋଇ ଏକତ୍ରିତ ଭାବେ ଏହି ବ୍ରତକୁ ପାଳିଛନ୍ତି । ଗତକାଲି ସକାଳୁ କିନ୍ନର ମାନେ ଆମ୍ବ, ପଣସ, ସପୁରୀ ଆଦି ବିଭିନ୍ନ ପ୍ରକାର ଫଳ ସହ ଶାଢୀ, ଚୁଡ଼ି, ସିନ୍ଦୁର ଆଦି ସାଙ୍ଗରେ ନେଇ ପହଁଚିଥିଲେ ପାରଳାଖେମୁଣ୍ଡି ବନ ଦୁର୍ଗା ମନ୍ଦିରରେ । ଏହାପରେ ଗୁରୁଙ୍କ ପାଦ ଛୁଇଁ ଆଶୀର୍ବାଦ ନେବା ସହ ଗୁରୁଙ୍କ ପାଦୁକା ପାନ କରିବା ପରେ ପ୍ରସାଦ ସେବନ କରିଥିଲେ । କିନ୍ନର ମାନେ ନିଜ ଘର ଛାଡି ବାହାରକୁ ଚାଲିଆସିଥିବାରୁ ନିଜ ଗୁରୁ ହିଁ ସେମାନଙ୍କ ପାଇଁ ବାପା, ମା, ସ୍ୱାମୀ ସବୁକିଛି । ତେଣୁ ତାଙ୍କ ପାଇଁ ବ୍ରତ ପାଳନ କରୁଥିବା ସେମାନେ କହିଛନ୍ତି.



ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray